## ବରିଷ୍ଠ ନେତା ଆଡଭାନୀଙ୍କୁ ଶୁଭେଚ୍ଛା

**ବ୍ରହ୍ମପୁର, ୩।୨(ସମିସ):** ଭାରତର ବିକାଶରେ ଅବିସ୍ମରଣୀୟ ଅବଦାନ ପାଇଁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନରେ ମହିମାମଣ୍ଡିତ ହେବେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ। ଏନେଇ ଭାରତ ସରକାର ଲାଲକୃଷ୍ଣ ଆଡଭାନୀଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବେ। ଏଣୁ ଭାରତୀୟ ଜନତା ପାର୍ଟି ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଉପସଭାପତି ରାମ କୁମାର ପାତ୍ର ଏବଂ ଦଳୀୟ ନେତୃବୃନ୍ଦ ଶ୍ରୀ ଆଡ଼ଭାନୀଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଡିଇଓ ଅଫିସ ଆଗରେ 'ଓଷ୍ଟା'ର ବିକ୍ଷୋଭ



**ବ୍ରହ୍ମପୁର, ୩।୨(ସମିସ):** ସ୍ଥାନୀୟ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଓଡ଼ିଆ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ୧୨ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟଶାସନ ସଚିବ ଓ ଶିକ୍ଷା ସଚିବଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଦାବିଗୁଡ଼ିକ ମଧ୍ୟରେ ଯୋଗ୍ୟ ବିବେଚିତ ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଖାଲିଥିବା ପଦପଦବୀ ପୂରଣ କରିବା, ଅବସର ବୟସ ସୀମା ୬୨ବର୍ଷକୁ ବୃଦ୍ଧି କରିବା ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାରୀକରଣ କରିବା ଭଳି ୧୨ଦଫା ଦାବୀ ନେଇ ଶିକ୍ଷକ ସଂଘ ପକ୍ଷରୁ ବହୁ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ଦାବିପୂରଣ ହେଉନଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଆଗାମୀ ୭ତାରିଖ ଦିନ ସମ୍ପୂର୍ଣ୍ଣରୁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଅହୋରାତ୍ର ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭ ପ୍ରଦର୍ଶନରେ ସଂଘର ପୂର୍ବତନ ସଭାପତି ହିମାଂଶୁ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ବେହେରା, ଭିକାରୀ ଚରଣ ଗୌଡ, କେଦାରନାଥ ପଟ୍ଟନାୟକ, ହରିହର ରାଉତ, ବାସନ୍ତି ଷଡଙ୍ଗୀ, ନିଳାମ୍ବର ପଟ୍ଟନାୟକ, ମଧୁସୂଦନ ଦାସ, ଆର୍ତ୍ତତ୍ରାଣ ଦାସ, କୃଷ୍ଣଚନ୍ଦ୍ର ପ୍ରଧାନ, ଶକ୍ତି ପ୍ରସାଦ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ମହାନ୍ତି ଓ ଶ୍ରୀନିବାସ ପାତ୍ରଙ୍କ ସମେତ ସମସ୍ତ ବ୍ଲକର ଶିକ୍ଷକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ୪ ଶ୍ରମିକଙ୍କ ଅଳଙ୍କାର, ମୋବାଇଲ ଓ ଟଙ୍କା ଚୋରି

**ବ୍ରହ୍ମପୁର, ୩।୨(ସମିସ):** ସ୍ଥାନୀୟ ଭାବିନୀପୁରରେ ରହୁଥିବା ୪ଜଣ ଶ୍ରମିକଙ୍କ ମୋବାଇଲ ଓ ଟଙ୍କା ଚୋରି ହୋଇଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଭାବିନିପୁରଠାରେ ଟ୍ୟାଙ୍କ କାମ ଚାଲିଥିବା ବେଳେ ସେଠାରେ ନୟାଗଡ଼ ବାଙ୍କତାରାର ସୁରେଶ ବାରିକଙ୍କ ସମେତ ଅନ୍ୟ ୯ଜଣ ଶ୍ରମିକ କାର୍ଯ୍ୟରତ ଅଛନ୍ତି। ସେମାନେ ସେଠାରେ ଅସ୍ଥାୟୀ (ତମ୍ବୁରେ ରହୁଛନ୍ତି। ୨ଦିନ ପୂର୍ବେ ଶ୍ରମିକମାନେ ତମ୍ବୁରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ସେଠାରୁ ୪ଟି ମୋବାଇଲ, ନଗଦ ୩୦୦୦ ଟଙ୍କା, ରୂପା ଚେନ, ରୂପା ବ୍ରେସଲେଟ ଚୋରି କରି ନେଇଯାଇଛି। ସକାଳୁ ଶ୍ରମିକମାନେ ଉଠି ଦେଖିବା ବେଳେ ମୋବାଇଲ ସହ ଟଙ୍କା ଓ ରୂପା ଅଳଙ୍କାର ନଥିବା ଜାଣିବା ପରେ ସେମାନେ ଥାନାରେ ଅଭିଯୋଗ କରିଥିଲେ।

## ଆଲମାରିରୁ ସୁନା ଅଳଙ୍କାର ଗାଏବ

**ବ୍ରହ୍ମପୁର, ୩।୨(ସମିସ):** ପୁଣି ସହରରେ ସକ୍ରିୟ ହେଲେଣି ଚୋର ଗ୍ୟାଙ୍ଗ। ପ୍ରତି ଥାନା ଇଲାକାରେ ନିୟମିତ ଚୋରିମାମଲା ବୃଦ୍ଧି ପାଉଛି। ବାଇକ ଚୋରି ସହ ତାଲାବନ୍ଦ ଘର ଓ ଦୋକାନରୁ ଚୋରି ହେଉଛି। ଟାଉନ ଥାନା ବିଜିପୁର ଟ୍ୟାଙ୍କ ରୋଡ ସାହିର ଏକ ଘରୁ ୨୩୦ଗ୍ରାମ ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଚୋରି ହେବାର ୨ ମାସପରେ ଅଭିଯୋଗ ହୋଇଛି। ଚୋର ଧରିବା ପୁଲିସ ପାଇଁ କଷ୍ଟକର ହୋଇପଡ଼ିଛି। ସ୍ଥାନୀୟ ବିଜିପୁର ଟ୍ୟାଙ୍କ ରୋଡ଼ ସାହି ନିବାସୀ ରବୀନ୍ଦ୍ର ଜେନାଙ୍କ ଘରୁ ବଡ଼ଧରଣର ଚୋରି ହୋଇଛି। ତାଙ୍କ ଆଲମାରିରେ ୨୩୦ଗ୍ରାମରୁ ଅଧିକ ସୁନା ଅଳଙ୍କାର ଥିଲା। କିଛି ମାସ ପୂର୍ବେ ତାଙ୍କ ଆଲମାରିରୁ ୬୦ଗ୍ରାମର ଗୋଟିଏ ସୁନା ବିସ୍କୁଟ, ୫୦ଗ୍ରାମର ଦୁଇଟି ସୁନା ଚେନ, ୬୦ଗ୍ରାମର ସୁନାହାର, ୩୦ଗ୍ରାମର ଦୁଇପଟ ସୁନା ଚୁଡ଼ି, ୩୦ଗ୍ରାମ ସୁନାର ରାଣୀହାର ଏପରି ମୋଟ୨୩୦ଗ୍ରାମ ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ ଆଲମାରିରୁ ଏହି ସୁନା ଅଳଙ୍କାର ଚୋରି କରିଥିବା ନେଇ ଗତ ୧ତାରିଖରେ ଅଭିଯୋଗ ହୋଇଛି। ସବୁଠାରୁ ବଡ଼ କଥା ହେଲା ଆଲମାରି ଭାଙ୍ଗି ନୁହେଁ ବରଂ ଚାବି ଖୋଲି ନେଇଥିବା ପୁଲିସ କହିଛି।

● 'ସ୍କିଲ୍ ଇନ୍ ଓଡ଼ିଶା, ଗୋ ଗ୍ଲୋବାଲ୍'

# ବିଦେଶରେ ପରାକାଷ୍ଠା ଦେଖାଇବେ ବିଦ୍ୟାର୍ଥୀ







### ସାକାର ହେଉଛି ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ
### ବିଶ୍ୱ ଭିତ୍ତିଭୂମି ସୁଦୃଢ଼ କରିବାରେ ସାମିଲ ହେବେ କୁଶଳୀ ଛାତ୍ରଛାତ୍ରୀ
### ଦେଶବ୍ୟାପୀ ଉଦାହରଣ ସାଜିଛି ବ୍ରହ୍ମପୁର ଆଇଟିଆଇ

**ବ୍ରହ୍ମପୁର, ୩।୨(ସମିସ)**

ରାଜ୍ୟ ସରକାରଙ୍କ 'ସ୍କିଲ ଇନ ଓଡ଼ିଶା' ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଥିଦ୍ୱାରା ଶିଳ୍ପ ତାଲିମ ଅନୁଷ୍ଠାନଠାରୁ ଆରମ୍ଭ କରି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅଧ୍ୟୟନରତ ବିଦ୍ୟାର୍ଥୀ ନିଜ ପରକାଷ୍ଠା ଦେଖାଇବାରେ ସକ୍ଷମ ହେଉଛନ୍ତି। ସମ୍ପ୍ରତି "ସ୍କିଲ ଇନ ଓଡ଼ିଶା ଗୋ ଗ୍ଲୋବାଲ" ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି। କେବଳ ଭାରତ ନୁହେଁ ବରଂ ବିଦେଶରେ ମଧ୍ୟ ବିଦ୍ୟାର୍ଥୀମାନେ ନିଜର ପରକାଷ୍ଠା ଦେଖାଇବାରେ ସକ୍ଷମ ହେଉଛନ୍ତି। ଏହାର ବଳିଷ୍ଠ ଉଦାହରଣ ସାଜିଛି ବ୍ରହ୍ମପୁର ସରକାରୀ ଆଇଟିଆଇ। ନଷ୍ଟରୁ ଶ୍ରେଷ୍ଠ କଳାକୃତି ନିର୍ମାଣ କରି ଏହି ଅନୁଷ୍ଠାନ ବିଶ୍ୱବିଦିତ ହୋଇଥିବା ବେଳେ ପାଠ ପଢ଼ା ପୂର୍ବରୁ ସମସ୍ତେ ଏଠାକାର ପିଲାମାନେ ଦେଶର ବିଭିନ୍ନ ବଡ଼ ବଡ଼ ଅନୁଷ୍ଠାନରେ ଚାକିରୀ କରିବାରେ ସୁଯୋଗ ମଧ୍ୟ ପାଇଛନ୍ତି। ଏହିକ୍ରମରେ ଆଉ ପାଦେ ଆଗେଇ ଆସିଛି ଏହି ଅନୁଷ୍ଠାନ। ସ୍କିଲ ଇନ ଓଡ଼ିଶା ଗୋ ଗ୍ଲୋବାଲ୍ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଆଇଟିଆଇକୁ ଛୁଟିଛି ବିଦେଶ କମ୍ପାନୀର ସୁଅ। ଶନିବାର ଦୁବାଇ ସ୍ଥିତ 'ଇସା ସାଇହି ଅଲ ଗୁରୁ ଗ୍ରୁପ ଏଲଏଲସି' ପକ୍ଷରୁ ବ୍ରହ୍ମପୁର ଆଇଟିଆଇରେ ନିଯୁକ୍ତି ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟୟନରତ ୧୦୦ବିଦ୍ୟାର୍ଥୀ ସମେତ ପାସ କରି ସାରିଥିବା ୫୦ବିଦ୍ୟାର୍ଥୀ ସମୁଦାୟ ୧୫୦ପିଲା ଅଂଶଗ୍ରହଣ କରିଥିଲେ। କମ୍ପାନୀରୁ ଆସିଥିବା ୩ଜଣିଆ ଦଳ ଜଣ ଜଣ କରି ପିଲାଙ୍କର ସାକ୍ଷାତକାର ନେଇଥିଲେ। ବିଦ୍ୟାର୍ଥୀମାନେ କେତେ କୁଶଳୀ ତାହା ଏଠାରେ ପ୍ରତିପାଦିତ କରିଥିଲେ। ଅନୁଷ୍ଠିତ ସାକ୍ଷାତକାରରେ ଆଇଟିଆଇର ଇଲୋକ୍ଟ୍ରିକାଲ, ଇଲେକ୍ଟ୍ରିସିଆନ ଓ ପେଇଣ୍ଟର ବିଭାଗର ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ପ୍ରଥମଥର ପାଇଁ ଆଇଟିଆଇକୁ ଏକ ବିଦେଶ କମ୍ପାନୀ ଆସି ପିଲାମାନଙ୍କୁ ସେମାନଙ୍କ କମ୍ପାନୀରେ କାମ କରିବାର ସୁଯୋଗ ପ୍ରଦାନ କରିଛି। ଏଥିଦ୍ୱାରା ଆଇଟିଆଇ ପ୍ରତି ପିଲାମାନଙ୍କ ମନବୋଳ ବୃଦ୍ଧି ହେବା ସହ ସ୍କିଲ ଇନ ଓଡ଼ିଶାର ସ୍ୱପ୍ନ ସାକାର ହେବାକୁ ଯାଉଛି ବୋଲି ଅଧ୍ୟକ୍ଷ ଡ଼କ୍ଟର ରଜତ କୁମାର ପାଣିଗ୍ରାହୀ କହିଛନ୍ତି। ଶନିବାର ନିଯୁକ୍ତି ପର୍ବ କରିଥିବା ଦୁବାଇର ଏହି କମ୍ପାନୀ ୭୦ରୁ୮୦ଜଣ ପିଲାଙ୍କୁ ନିଯୁକ୍ତି ଦେବାନେଇ ଚିନ୍ତା କରିଥିବା ବେଳେ ପ୍ରତି ପିଲାଙ୍କୁ ଭାରତୀୟ ମୁଦ୍ରା ଆକାରରେ ମାସିକ ୨୭ହଜାର ଟଙ୍କା ବେତନ ପ୍ରଦାନ କରିବ ବୋଲି ଆଇଟିଆଇ ସୂତ୍ରରୁ ଜଣାଯାଇଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲା ସମେତ ଅନ୍ୟାନ୍ୟ ଅଞ୍ଚଳର ଅନେକ ପିଲା ବିଦେଶରେ କାମ କରି ଭଲ ଦୁଇ ପଇସା ରୋଜଗାର କରିବା ଆଳରେ ବିଭିନ୍ନ ଦଲାଲଙ୍କ ଦ୍ୱାରା ବିଦେଶ ଯାଇ ସେଠାରେ ନିର୍ଯାତନାର ଶିକାର ହେଉଥିବା ମଧ୍ୟ ଅନେକବାର ଦେଖିବାକୁ ମିଳିଛି। ତେବେ ଆଇଟିଆଇରେ ହୋଇଥିବା ଏହି ନିଯୁକ୍ତି ପର୍ବରେ ବିଦ୍ୟାର୍ଥୀମାନେ ଅନେକାଂଶରେ ଲାଭବାନ ହେବେ ବୋଲି ଜଣାଯାଇଛି। ପ୍ରକାଶଯୋଗ୍ୟ ଯେ, ବ୍ରହ୍ମପୁର ଆଇଟିଆଇରେ ପାଠ ପଢୁଥିବା ପିଲାଙ୍କ ଲାଗି ନିଯୁକ୍ତିର ଗ୍ୟାରେଣ୍ଟି ରହିଛି। ପାଠ ପଢ଼ା ଚାଲୁଥିବା ସମୟରେ ହିଁ ବିଭିନ୍ନ ବଡ଼ ବଡ଼ ସହରର ନାମିଦାମୀ କମ୍ପାନୀ ଆସି ପିଲାଙ୍କୁ ଏଠାରୁ ଚୟନ କରି ନେଉଛନ୍ତି। ଯଦ୍ୱାରା ପାଠ ପଢ଼ା ସରିବା ପୂର୍ବରୁ ହିଁ ପିଲାମାନେ ଅନେକ ମାତ୍ରାରେ ରୋଜଗାରକ୍ଷମ ହୋଇପାରୁଛନ୍ତି।

# ଆଜି ବିଶ୍ୱ କର୍କଟ ଦିବସ: ୪ ବର୍ଷରେ ରୋଗୀଙ୍କ ସଂଖ୍ୟା ୨ ଗୁଣ

**ବ୍ରହ୍ମପୁର, ୩।୨(ସମିସ):** ଫେବୃଆରୀ ୪ତାରିଖକୁ ବିଶ୍ୱ କର୍କଟ ଦିବସ ଭାବରେ ପାଳନ କରାଯାଏ। କର୍କଟ ରୋଗ ସମ୍ପର୍କିତ ସଚେତନତା ଏବଂ ଏଥିରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ପାଳିତ ହେଉଛି ବିଶ୍ୱ କର୍କଟ ଦିବସ। ସଠିକ୍ ସମୟରେ ଏହି ରୋଗର ଚିକିତ୍ସା କରାଗଲେ ରୋଗୀ ସୁସ୍ଥ ହେବାର ସମ୍ଭାବନା ରହିଛି। ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ଯାହାର ପ୍ରଭାବ ମଧ୍ୟ ସ୍ପଷ୍ଟ ପରିଲକ୍ଷିତ ହେଉଛି। ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଉଥିବାରୁ ଏମକେସିଜି ମେଡିକାଲରେ କର୍କଟ ରୋଗୀଙ୍କ ଚିହ୍ନଟ ସଂଖ୍ୟା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ବହୁ କର୍କଟରୋଗୀ ବିଳମ୍ବରେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଆସୁଥିଲେ। ଫଳରେ ରୋଗୀଙ୍କୁ ଚିକିତ୍ସା କରି ସୁସ୍ଥ କରିବା ଡାକ୍ତରଙ୍କ ପକ୍ଷେ ସମ୍ଭବପର ହେଉନଥିଲା। ବର୍ତ୍ତମାନ କର୍କଟ ରୋଗ ସମ୍ପର୍କିତ ସାମାନ୍ୟତମ ସନ୍ଦେହ ସୃଷ୍ଟି ହେଲେ ମଧ୍ୟ ରୋଗୀ ସିଧାସଳଖ ଡାକ୍ତରଖାନାକୁ ଆସି ଚିକିତ୍ସା କରୁଛନ୍ତି। ଗତ ୪ବର୍ଷ ମଧ୍ୟରେ ମେଡିକାଲରେ କର୍କଟ ରୋଗୀଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଗତ ୨୦୧୯-୨୦ମସିହାରେ ଏମକେସିଜି ମେଡିକାଲ ବର୍ହିଃଚିକିତ୍ସା ବିଭାଗରେ ୭ହଜାର୮୬୫ଜଣ ରୋଗୀ ଡାକ୍ତରଙ୍କ ପରାମର୍ଶ ନେଇଥିବା ବେଳେ ଇନଡୋରରେ ୧୨୮୫ଜଣ ଚିକିତ୍ସିତ ହୋଇଛନ୍ତି। ସେହିପରି ୨୦୨୦-୨୧ମସିହାରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇ ଆଉଟଡୋରରେ ୮ହଜାର ୨୬୪ଜଣ ରୋଗୀ ଡାକ୍ତରଙ୍କ ପରାମର୍ଶ ନେଇଥିବା ବେଳେ ଇନଡୋରରେ ୧୩୦୦ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି। ସେହିପରି ୨୦୨୧-୨୨ମସିହାରେ ଆଉଟଡୋରରେ ୧୨ହଜାର ୯୬୩ଜଣ ଓ ଇନଡୋରରେ ୨୫୫୧ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ସେହିଭଳି ୨୦୨୨-୨୩ମସିହାରେ ଆଉଟଡୋରରେ ୮ହଜାର ୩୫୩ଜଣ ଓ ଇନଡୋରରେ ୨୫୭୯ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି। ଏବଂ ୨୦୨୩ମସିହା ଏପ୍ରିଲ ମାସ ଠାରୁ ଡିସେମ୍ବର ପର୍ଯ୍ୟନ୍ତ ଆଉଟଡୋରରେ ୫ହଜାର ୬୧୦ଜଣ ରୋଗୀ ଚିକିତ୍ସା ହୋଇସାରିଥିବା ବେଳେ ଇନଡୋରରେ ୧୯୫୭ଜଣ ଚିକିତ୍ସିତ ହୋଇଛନ୍ତି। ଏଭଳି ଭାବରେ ମେଡିକାଲକୁ ନିୟମିତ ଶତାଧିକ କର୍କଟ ରୋଗୀ ଚିକିତ୍ସା ନିମନ୍ତେ ଆସୁଥିବା ବେଳେ ବିଭାଗରେ ମାତ୍ର ୨୦ଟି ଶଯ୍ୟା ରହିଛି। ସେହିଭଳି ମାତ୍ର ୩ଜଣ ଡାକ୍ତରଙ୍କୁ ନେଇ ଚାଲିଛି ଏମକେସିଜିର କର୍କଟ ରୋଗ ବିଭାଗ। ଡାକ୍ତର ଅଭାବରୁ ରୋଗୀସେବାରେ ବାଧା ଉପୁଜିଛି। କର୍କଟ ରୋଗ ସମ୍ପର୍କରେ ସଚେତନ ହେଲେ ଜଣେ କର୍କଟ ରୋଗୀର ଜୀବନ ଧାରଣରମାନକୁ ଉନ୍ନତ କରାଯାଇପାରିବ। ତମାଖୁ

### ଏମ୍‌କେସିଜିରେ ଖୁବ୍‌ଶୀଘ୍ର ଖୋଲିବ ୧୦୦ଶଯ୍ୟା ବିଶିଷ୍ଟ କର୍କଟ ସେବାକେନ୍ଦ୍ର

ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ବ୍ୟବହାର ଏବଂ କିଛି ଭୂତାଣୁଜନିତ ସଂକ୍ରମଣରୁ କର୍କଟ ରୋଗର ଉତ୍ପତ୍ତି ହୋଇଥାଏ। କର୍କଟ ରୋଗ ବିଭିନ୍ନ ପ୍ରକାରର ରହିଛି। ରକ୍ତ କର୍କଟ, ମୁଣ୍ଡ ଓ ଗଳା କର୍କଟ, କୋଲୋରେକ୍ଟାଲ କର୍କଟ, ପ୍ରୋଷ୍ଟେଟ କର୍କଟ, ବୋନ କର୍କଟ, ସ୍ତନ କର୍କଟ, ବ୍ଲାଡର କର୍କଟ, ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ କର୍କଟ, ଫୁସଫୁସ କର୍କଟ, ସର୍ଭାଇକାଲ କର୍କଟ, ଚକ୍ଷୁ କର୍କଟ, ଓଭାରିଆନ କର୍କଟ, ପାନକ୍ରିଆଟିକ୍ କର୍କଟ ଏବଂ ଜିଭରେ କର୍କଟ ଆଦି ରୋଗରେ ଅଧିକାଂଶ ବ୍ୟକ୍ତି ପୀଡିତ ହେବା ସହ ଅନେକ ପ୍ରାଣ ମଧ୍ୟ ହରାଉଛନ୍ତି। ଡାକ୍ତରଙ୍କ କହିବା ଅନୁସାରେ କ୍ୟାନ୍ସର ବା କର୍କଟ ରୋଗ ଶରୀରର ପ୍ରାୟ ସବୁ ଅଙ୍ଗ ପ୍ରତ୍ୟଙ୍ଗରେ ହୋଇପାରେ। ମୁଣ୍ଡ ଏବଂ ଗଳା ମଧ୍ୟରେ ଥିବା ଅଙ୍ଗ ଯଥା ପାଟି, ଗଳା, ବେକ ଆଦିର ଯେକୌଣସି ସ୍ଥାନରେ କର୍କଟ ହେଲେ ତାହା 'ହେଡ୍ ଆଣ୍ଡ ନେକ୍ କ୍ୟାନ୍ସର' ବୋଲି କୁହାଯାଏ। ଧୂମପାନ, ତମାଖୁ ସେବନ ହେଉଛି ହେଡ ଆଣ୍ଡ ନେକ କର୍କଟ ମୂଳ କାରଣ ବୋଲି ଏମକେସିଜି ମେଡିକାଲ କର୍କଟ ରୋଗ ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ବିଷ୍ଣୁ ପ୍ରସାଦ ଦାଶ କହିଛନ୍ତି। ଏହା ସହ ଅଧିକାଂଶ ମହିଳା ସ୍ତନ କର୍କଟ ରୋଗରେ ପୀଡିତ ହୋଇଥାନ୍ତି। ୪୦ରୁ ୪୫ବର୍ଷର ମହିଳାଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ। ସାଧାରଣତଃ ମହିଳାଙ୍କ ରତୁସ୍ରାବ ବନ୍ଦ ହେବା ପରେ ସେମାନେ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳେ। ସେହିପରି ପୁରୁଷମାନଙ୍କ କ୍ଷେତ୍ରରେ ଅଧିକାଂଶ ହେଡ୍ ଆଣ୍ଡ ନେକ୍ କ୍ୟାନ୍ସରରେ ଆକ୍ରାନ୍ତ ହୋଇଥାନ୍ତି ବୋଲି ପ୍ରଫେସର ଡା. ଦାଶ କହିଛନ୍ତି। ଅନ୍ୟପକ୍ଷରେ ରୋଗୀଙ୍କୁ ଉତ୍ତମ ଚିକିତ୍ସାସେବା ଯୋଗଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ କର୍କଟ ସେବାକେନ୍ଦ୍ର ନିର୍ମାଣ ପାଇଁ ନିଷ୍ପତି ହୋଇଛି। ଗତ ୨୦୨୨ ସେପ୍ଟେମ୍ବରରୁ ଏହି କର୍କଟ ସେବାକେନ୍ଦ୍ରର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏଥିପାଇଁ ୭୬କୋଟି ୨୯ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୪ମହଲା ବିଶିଷ୍ଟ ଏହି କର୍କଟ ସେବାକେନ୍ଦ୍ରରେ ୧୦୦ଶଯ୍ୟାର ଇନଡୋର ସହ କ୍ୟାନସର ରୋଗୀଙ୍କ ଆଉଟଡୋର, କନଫେରେନ୍ସ ହଲ ଓ ରୋଗୀଙ୍କ ପ୍ରତୀକ୍ଷାଳୟ ଆଦିର ବ୍ୟବସ୍ଥା ରହିବ। ନିକଟରେ ୫-ଟି ଅଧ୍ୟକ୍ଷ ଭି. କାର୍ତ୍ତିକ ପାଣ୍ଡିଆନ ଏହି କର୍କଟ ସେବାକେନ୍ଦ୍ର ପରିଦର୍ଶନ କରିବା ସହ ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କର୍କଟ ସେବାକେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷପର୍ଯ୍ୟାୟରେ ରହିଥିବା ବେଳେ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଜଣାପଡ଼ିଛି। ଏହି ନୂତନ କର୍କଟ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା ମିଳିପାରିବ ବୋଲି ଆଶା କରାଯାଉଛି।

ଅଶ୍ଳୀଳ ଫଟୋ ଛାଡ଼ିବା ଘଟଣା

## ୫ ଜଣଙ୍କ ନାଁରେ ମାମଲା ରୁଜୁ

**ବ୍ରହ୍ମପୁର, ୩।୨(ସମିସ):** ନିମଖଣ୍ଡି ଥାନା ଶକ୍ତିନଗର ୩ୟ ଲାଇନ ନିବାସୀ ମହିଳାଙ୍କୁ କିଛି ଅସାମାଜିକ ବ୍ୟକ୍ତି ଅଶ୍ଳୀଳ ଫଟୋ ଛାଡିବା ସହ ହତ୍ୟାଧମକ ଦେଇଛନ୍ତି। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୫ରୁ ଅଧିକ ମହିଳା ଓ ପୁରୁଷଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହୁଗୁଳାପଟାର ସମ୍ପୃକ୍ତ ମହିଳା ଜଣକ ଶକ୍ତିନଗରରେ ନିଜ ସ୍ୱାମୀ ଓ ୧୩ ବର୍ଷର ପୁଅ ସହ ରହୁଛନ୍ତି। ଉଭୟ ସ୍ୱାମୀ ଓ ସ୍ତ୍ରୀ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଛନ୍ତି। ୨୦୨୦ମସିହା ଠାରୁ ଲକ୍ଷ୍ମୀନୃସିଂହ ସାହିର ୫ରୁ ଅଧିକ ମହିଳା ଓ ପୁରୁଷ ତାଙ୍କ ପରିବାରକୁ ହଇରାଣ ହରକତ କରୁଛନ୍ତି ବୋଲି ମହିଳା ଜଣଙ୍କ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତାଙ୍କୁ ବାରମ୍ବାର ହଇରାଣ କରିବା ସହ ମାଡ ମାରିବାରୁ ସେ ପୂର୍ବରୁ ସଦର ଥାନାରେ ଏତଲା ଦେଇଥିଲେ। ତାହା ଏବେ କୋର୍ଟରେ ବିଚାରଧୀନ ରହିଛି। ସେହି ମାମଲା ପ୍ରତ୍ୟାହାର କରିବାକୁ ତାଙ୍କୁ ବାରମ୍ବାର ଚାପ ପକାଯାଉଛି। ଏପରିକି ଅଭିଯୁକ୍ତମାନେ ତାଙ୍କ ମୋବାଇଲକୁ ଅଶ୍ଳୀଳ ଫଟୋ ପଠାଇ ବିଭିନ୍ନ ଧମକ ଦେଉଛନ୍ତି ବୋଲି ସେ ବର୍ତ୍ତମାନ ନିମଖଣ୍ଡି ଥାନାରେ ଏତଲା ଦେଇଛନ୍ତି।

### ବିଭିନ୍ନ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ 'ବନ୍ଦେ ଉତ୍କଳ ଜନନୀ' ଗାନ

# ସବୁଠି ଶୁଭିଲା ଓଡ଼ିଆ ଅସ୍ମିତାର ଗାଥା



ବ୍ରହ୍ମପୁର, ୩।୨(ସମିସ): ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ଶନିବାର ସାମୁହିକ ଭାବେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ସମସ୍ତେ ଓଡ଼ିଆ ଭାଷା ଓ ଅସ୍ମିତାର ବାର୍ତ୍ତା ଦେଇଥିଲେ।

#### ■ ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦଘାଟିତ ହୋଇଛି। ଏ ଅବସରରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ



କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର୍, ଅତିରିକ୍ତ ଉପଜିଲ୍ଲାପାଳ ଡ଼ ଗୌରବମୟ ପ୍ରଧାନଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ସେହିଭଳି ବ୍ରହ୍ମପୁର ଉପଖଣ୍ଡର ସମସ୍ତ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମଧ୍ୟ ଏହି ସଙ୍ଗୀତ ଗାନ କରାଯାଇଥିଲା।

#### ■ ବିଏମସି କାର୍ଯ୍ୟାଳୟ



ବ୍ରହ୍ମପୁର ମହାନଗର ନିଗମରେ ଶନିବାର ପୂର୍ବାହ୍ନରେ ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପ୍ରଥମ ଓଡ଼ିଶା ବିଶ୍ୱ ଭାଷା ସମ୍ମିଳନୀ ଅବସରରେ ଉପସ୍ଥିତ ଅତିଥିଗଣ ଓଡ଼ିଆ ଅସ୍ମିତାର ଗାଥା କଥା କହିଥିଲେ। ଶାସ୍ତ୍ରୀୟ ଓଡ଼ିଆ ଭାଷାର ପଦମର୍ଯ୍ୟଦା ବୃଦ୍ଧି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ସଦା ଉଦ୍ୟମରତ ବୋଲି ଏଠାରେ କୁହାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ ବିବେକ ରେଡ଼ୀ, କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣାଙ୍କ ସମେତ ସମସ୍ତ କର୍ପୋରେଟର ଓ ବିଏମସି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

#### ■ ଏମକେସିଜି ମେଡିକାଲ

ଏମକେସିଜି ମେଡ଼ିକାଲ ପକ୍ଷରୁ ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏଥିରେ ମେଡ଼ିକାଲର ଅଧିକ୍ଷକ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ ମନୋଜ କୁମାର



ଖଡେଙ୍ଗା, ଉମେଶ ଚନ୍ଦ୍ର ଆଚାର୍ଯ୍ୟ, କୈଳାସ ଚାନ୍ଦ ଚନ୍ଦ୍ର ସାହୁ, ଦେବେନ୍ଦ୍ର ଦାଶ, ଅଜିତ ସାହୁ, ବୃନ୍ଦାବନ ବେହେରା, ଦେବେଶ ମହାନ୍ତି, କମଳ କୁମାର, ତାପସ ପାତ୍ର, ଜଗନ୍ନାଥ ପଣ୍ଡା, ଅରୁଣ ଘଡେଇ, ସନ୍ୟାସୀ ମହାନ୍ତି, ସାକମ୍ବରି ପାଣିଗ୍ରାହୀ, ରିଙ୍କି ରାନୀ ପଣ୍ଡା, ସଙ୍ଗୀତା ରାଉତ, ହରି ବେହେରା, ସରୋଜ ପାଣିଗ୍ରାହୀ, ସିମଞ୍ଚଳ ବାରିକ, ସୁରେଶ ପଣ୍ଡା ଓ ପିଙ୍କୁ ନାୟକ ଓ ସମସ୍ତ ହସ୍ପିଟାଲ ମ୍ୟାନେଜର ଉପସ୍ଥିତ ଥିଲେ।

#### ■ ଏସ୍‌ପିଙ୍କ କାର୍ଯ୍ୟାଳୟ

ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ଥାନାରେ ସାମୁହିକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏସପି ଡ଼ା ସର୍ବଣା ବିବେକ ଏମ ଯୋଗଦେଇ ଓଡ଼ିଆ ଭାଷାର ମହାନତା ସମ୍ପର୍କରେ ଏଠାରେ କହିଥିଲେ। ସେହିଭଳି ରିଜର୍ଭ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ, ଏସଡ଼ିପିଓ ଅଫିସ ସମେତ ସବୁ ଥାନାରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।



## ଆଇନଜୀବୀଙ୍କ ବିୟୋଗରେ ଓକିଲ ସଂଘର ଶୋକ

ବ୍ରହ୍ମପୁର, ୩।୨(ସମିସ): ଗଞ୍ଜାମ ଓକିଲ ସଂଘର ଆଇନଜୀବୀ ତଥା ଗାନ୍ଧୀନଗର ନିବାସୀ ଏନ. ରାଜେନ୍ଦ୍ର କୁମାର(୪୬)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ରାଜେନ୍ଦ୍ରଙ୍କ ବିୟୋଗରେ ଓକିଲ ସଂଘ ପକ୍ଷରୁ ସଂଘର ସଭାନେତ୍ରୀ ମିନତୀ ରଥଙ୍କ ଅଧ୍ୟକ୍ଷତାରେ ଶୋକସଭା କରାଯାଇଥିଲା। ସମ୍ପାଦକ ଶିବ ନାରାୟଣ ସାହୁ, ଉପସଭାପତି ଭି. ଚନ୍ଦ୍ରଶେଖରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ରାଜେନ୍ଦ୍ରଙ୍କ ଅକାଳ ବିୟୋଗରେ ଜିଲ୍ଲାକୋର୍ଟ ସମେତ ନିମ୍ନ ଅଦାଲତ ଗୁଡ଼ିକରେ ଆଇନଜୀବୀମାନେ ୨ ଘଣ୍ଟା କାର୍ଯ୍ୟବନ୍ଦ କରିଥିଲେ। ସେହିଭଳି ବିଜେପି ପକ୍ଷରୁ ମଧ୍ୟ ଗଭୀର ଶୋକ ପ୍ରକାଶ କରାଯାଇଛି। ବିଜେପିର କାହ୍ନୁ ଚରଣ ପତି, ବିଭୂତି ଭୂଷଣ ଜେନା, ସୁବାଷ ସାହୁ, ସରୋଜ ସାବତ, ସୁନିଲ ସାହୁ, ମନୋଜ ପଟ୍ଟନାୟକ, ରାମ ପାତ୍ର, ପ୍ରଭାତ କିରଣ ଷଡ଼ଙ୍ଗୀ, ଗଙ୍ଗାଧର ଶତପଥି, ବାଲକୃଷ୍ଣ ସାମନ୍ତରା, ତୁତୁନ୍ ପାତ୍ର, କୃଷ୍ଣ ନାୟକ, କର୍ପୋରେଟର ରଞ୍ଜିତା ବେହେରା, ବନିତା ସାହୁ, ରଞ୍ଜିତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଚୌଧୁରୀ, କେ.ଟୁଙ୍ଗୁରୁ ପାତ୍ର, ଡ଼ା.ଅମୂଲ୍ୟ ଚୌଧୁରୀ, ପ୍ରବୀର ପାତ୍ର, ଶିବ ଶଙ୍କର ନାୟକ, ମଦନ ମୋହନ ପାତ୍ର, ରତ୍ନଗର୍ଭା ସରସ୍ୱତୀ ଦେବୀ, ବର୍ଷା ବିଦ୍ୟୁସ୍ମିତା, ସୁଶିଳା ମଲ୍ଲିକ, ନିବେଦିତା ପାଢ଼ୀ, ଏସ୍.ରାଣୀ, ଡି. ସୁରେଶ ରେଡ଼ୀ, କେ.ରବି ରାଓ, କମଲ୍ ପାତ୍ର, କିଶୋର ସାହୁ, ଏସ୍. ଶ୍ରୀନିବାସ, ଜି.ବିଜୟ ପାତ୍ରଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ତାଙ୍କର ଶେଷ ଦର୍ଶନ କରିଥିଲେ। ବିଜିପୁର ସ୍ଥିତ ଶ୍ମଶାନରେ ଏନ୍.ରାଜେନ୍ଦ୍ରଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।




ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ ସ୍ୟାଣ୍ଡ ଆନିମେସନ୍

● ତ୍ରିକୋଣୀୟ ପ୍ରେମରୁ ହତ୍ୟାକାଣ୍ଡ ଘଟଣା

## ୬ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ



**ଦିଗପହଣ୍ଡି, ୩।୨(ସମିସ):** ଦିଗପହଣ୍ଡି ଥାନା ସାନ କରଞ୍ଜେଇ ଗ୍ରାମର ଯୁବକ ନିରଞ୍ଜନ ମଲ୍ଲିକଙ୍କୁ ତ୍ରିକୋଣୀୟ ପ୍ରେମକୁ ନେଇ ୨୦୧୭ ଅଗଷ୍ଟ ୨୩ରେ ହତ୍ୟା କରାଯାଇଥିଲା। ଘଟଣା ପରଠାରୁ ଫେରାର ରହିଥିବା ଟାମଣା ଗ୍ରାମର ମୁଖ୍ୟ ଅଭିଯୁକ୍ତ ରାମ ମଲ୍ଲିକଙ୍କୁ ପୁଲିସ ୬ ବର୍ଷ ପରେ ଗିରଫ କରି କୋର୍ଟଚାଲାଣ କରିଛି। ଜଣେ ମହିଳାଙ୍କ ସହ ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ନିରଞ୍ଜନ ଓ ଅଭିଯୁକ୍ତ ରାମଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଯାହାକୁ ନେଇ ପରବର୍ତ୍ତୀ ସମୟରେ ମିତ୍ରପୁର ଗ୍ରାମର ମାଧବ ମଲ୍ଲିକଙ୍କ ଅଟୋରେ ଟାମଣା ଗ୍ରାମର ମିଟୁ ମଲ୍ଲିକ, ରଘୁ ମଲ୍ଲିକ ଓ ରାମ ମଲ୍ଲିକ କୌଶଳ କ୍ରମେ ନିରଞ୍ଜନଙ୍କୁ ଅପହରଣ କରି ନିକଟସ୍ଥ ଜଙ୍ଗଲରେ ହତ୍ୟା କରିଥିଲେ। ଅପରପକ୍ଷରେ ଭାଇ ନିଖୋଜ ନେଇ ରାମଙ୍କ ଭାଇ ସୋମନାଥ ମଲ୍ଲିକ ୨୦୧୭ ଅଗଷ୍ଟ ୨୫ ତାରିଖରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ତତ୍କାଳୀନ ଥାନା ଅଧିକାରୀ ଦେବାଶିଷ ମହାନ୍ତି ଥାନା ମାମଲା ନଂ. ୧୩୯/୧୭ ପ୍ରକାରେ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲେ। ଘଟଣାର ୪ ଦିନ ଅର୍ଥାତ୍ ୨୯ ତାରିଖରେ ନିକଟସ୍ଥ ଜଙ୍ଗଲରୁ ନିରଞ୍ଜନଙ୍କ ମୃତଦେହ ପୋଲିସ ଉଦ୍ଧାର କରିବା ସହ ୩ ଅଭିଯୁକ୍ତ ମାଧବ, ରଘୁ ଓ ମିଟୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମୁଖ୍ୟ ଅଭିଯୁକ୍ତ ରାମ ଘଟଣା ଦିନଠାରୁ ବେଙ୍ଗାଲୁର ଫେରାର ହୋଇଯାଇଥିଲା। ତେବେ ଶୁକ୍ରବାର ରାମ ଟାମଣା ଗ୍ରାମକୁ ଆସିଥିବା ଖବରପାଇ ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଯାଇ ରାମଙ୍କୁ ଗିରଫ କରିଛନ୍ତି।

## ବାଇକ୍ ଉପରକୁ ଡେଇଁଲା ମାଙ୍କଡ଼; ୩ ଆହତ

**ଫିରିଙ୍ଗିଆ, ୩।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ ଲୁଇସିଂ ପଞ୍ଚାୟତ ସୁଟାଣି ଘାଟିରେ ରାସ୍ତା ଉପରେ ବାଇକ୍ ଉପରକୁ ମାଙ୍କଡ଼ ଡେଇଁ ପଡ଼ିବାରୁ ସେଥିରେ ଯାଉଥିବା ୩ ଜଣଙ୍କ ମଧ୍ୟରୁ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ୨ ଜଣ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଲୁଇସିଂ ପଞ୍ଚାୟତ ଡାଙ୍ଗାଣାମ ଗାଁର କୁଶ କହଁରଙ୍କ ସହ ଲଙ୍କେଶ୍ୱର କହଁର ଓ ଲାପେ କହଁର ଦିନ ୧୧ଟା ବେଳେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଗଡ଼ା ଗାଁକୁ ଏକୋଇଶିଆ ଭୋଜି ଖାଇବାକୁ ଯାଉଥିଲେ। ଲୁଇସିଂ ପଞ୍ଚାୟତ ନିକଟ ଏବଂ ବୌଦ୍ଧ ଜିଲ୍ଲା ସୀମା ସୁଟାଣି ଘାଟିରେ ବାଇକ୍ ଉପରକୁ ହଠାତ ମାଙ୍କଡ଼ ଡେଇଁ ପଡ଼ିବାରୁ ଚାଳକ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡ଼ି ଯାଇଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ବାଇକ୍‌ରେ ବସିଥିବା ଅନ୍ୟ ୨ ଜଣ ସାମାନ୍ୟ ଆହତ ହୋଇଥିଲେ। କିଛି ଲୋକ ଏହା ଦେଖିବା ପରେ ସାମାନ୍ୟ ଆହତ ଦୁଇ ଜଣଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଗୁରୁତର ଆହତ ବାଇକ୍ ଚାଳକ କୁଶ କହଁରଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ବିଭିନ୍ନ ଛକରେ ଗାଡ଼ିଯାଞ୍ଚ କଡ଼ାକଡ଼ି

## ୨୫ରୁ ଊର୍ଦ୍ଧ୍ୱ ମଦୁଆ ଚାଳକଙ୍କ ନାଁରେ ମାମଲା

ବ୍ରହ୍ମପୁର, ୩।୨(ସମିସ)





ବ୍ରହ୍ମପୁର ପୁଲିସ ପକ୍ଷରୁ ସହର ଓ ଉପଖଣ୍ଡର ପ୍ରମୁଖ ଛକ ଗୁଡ଼ିକରେ ନକାବନ୍ଦୀ ସହ ଗାଡିଯାଞ୍ଚ କରାଯାଇଥିଲା। ଏହି ସ୍ୱତନ୍ତ୍ର ଡ୍ରାଇଭରେ ଗାଡ଼ି ଯାଞ୍ଚ କଡ଼ାକଡ଼ି କରାଯିବ ସହ ମଦୁଆ ଗାଡି ଚାଳକଙ୍କୁ କାବୁ କରାଯାଇଥିଲା। ବ୍ରହ୍ମପୁର ଟ୍ରାଫିକ୍ ପୁଲିସ ପକ୍ଷରୁ ପ୍ରତିଦିନ ସହରର ବିଭିନ୍ନ ସ୍ଥାନରେ ଗାଡ଼ିଚେକିଂ କରି ଅମାନିଆ ଗାଡ଼ି ଚାଳକ ଏବଂ ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ତଥାପି ଲୋକେ ସଚେତନତା ହେଉନଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବିଭିନ୍ନ ଥାନା ପକ୍ଷରୁ ସହରର ବିଭିନ୍ନ ଛକଠାରେ ନାକାବନ୍ଦୀ, ଡ୍ରଙ୍କ ଏଣ୍ଡ ଡ୍ରାଇଭରଓ ଟ୍ରିପଲ ରାଇଡିଂକୁ ନେଇ ଏକ ସ୍ୱତନ୍ତ୍ର ଡ୍ରାଇଭ ହୋଇଥିଲା। ସହରର ବିଭିନ୍ନ ଛକ ଠାରେ କଡାଯାଞ୍ଚ କରାଯିବା ସହ ଜରିମାନା ମଧ୍ୟ ଆଦାୟ କରାଯାଇଛି। ବୈଦ୍ୟନାଥପୁର ଥାନା ପକ୍ଷରୁ ଲାଞ୍ଜିପଲ୍ଲୀ ଫାଣ୍ଡି ଛକ, କମାପଲ୍ଲୀ ଛକ, ଲାଞ୍ଜିପଲ୍ଲୀ ବାଇପାସଠାରେ ଯାଞ୍ଚ କରାଯାଇଥିଲା। ସେହିପରି ବଡ଼ବଜାର ଥାନା ପକ୍ଷରୁ ଆସ୍କା ରୋଡ଼, ହରଡ଼ାଖଣ୍ଡି ପେଟ୍ରୋଲ ପମ୍ପ ଛକ, ଫାଷ୍ଟ ଗେଟ ଛକ ଓ ଟାଉନ ଥାନା ପକ୍ଷରୁ ରାମଲିଙ୍ଗେଶ୍ୱର ପାର୍କ, ବିଜୁ ପଟ୍ଟନାୟକ ପାର୍କ, ଗେଟବଜାର ଛକ ଆଦି ରାସ୍ତାରେ ଗାଡି ଯାଞ୍ଚ କରାଯାଇଛି। ଟ୍ରାଫିକ ଥାନା ପକ୍ଷରୁ ଅର୍ଣ୍ଣପୂର୍ଣ୍ଣା ମାର୍କେଟ ଏବଂ ବିଶାଲ୍ ଛକଠାରେ ଟ୍ରିପଲ ରାଇଡିଂ ଓ ମଦୁଆ ଚାଳକ କଡ଼ାକଡ଼ି ଯାଞ୍ଚ କରାଯାଇ। ଅନୁରୂପ ଭାବେ ନିମଖଣ୍ଡି ଥାନା, ଗୋପାଳପୁର ଥାନା, ଗୋଷାଣୀନୂଆଁଗାଁ ଥାନା, ଗୋଳନ୍ଥରା ଥାନା, କେ ନୂଆଗାଁ ଥାନା, ଦିଗପହଣ୍ଡି, ଜରଡ଼ା ଥାନା ସହ ବିଭିନ୍ନ ସ୍ଥାନରେ ଯାଞ୍ଚ କଡ଼ାକଡ଼ି ହେଉଥିବା ଜଣାପଡ଼ିଛି। ଆଜି ସହରର ବିଭିନ୍ନ ଛକଠାରେ କଡାଯାଞ୍ଚ କରାଯିବା ସହ ମୋଟା ଅଙ୍କର ଜରିମାନା ମଧ୍ୟ ଆଦାୟ କରାଯାଇଛି। ଆଜି ପୁଲିସ ପକ୍ଷରୁ ବିଭିନ୍ନ ଛକରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଗାଡ଼ି ଚାଳକଙ୍କୁ ଅଟକାଇ ମଦୁଆଙ୍କ ପାଟିରେ ମଦ ଟେଷ୍ଟିଂ ମେସିନ ଦେଇ ପରୀକ୍ଷା କରାଯାଇଥିଲା। ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇ ହେଲମେଣ୍ଟ ଓ ଗୋଟିଏ ଗାଡ଼ିରେ ଦୁଇରୁ ଅଧିକ ନ ବସିବା ପାଇଁ ପୁଲିସ ପକ୍ଷରୁ ଅମାନିଆଙ୍କୁ ପରାମର୍ଶ ଦିଆଯାଇଥିଲା। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ୨୫ରୁ ଊର୍ଦ୍ଧ୍ୱ ମଦୁଆ ଚାଳକଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

## ସର୍ଟସର୍କିଟରୁ ନିଆଁ, ପୋଡ଼ିଗଲା ମୂଲ୍ୟବାନ ସାମଗ୍ରୀ

**ଟିକାବାଲି, ୩।୨(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ସହରର ବରପଦା ସାହିରେ ରହୁଥିବା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଚିତ୍ରା ପ୍ରଧାନଙ୍କ ଘରେ ଶନିବାର ଦିନ ଦ୍ୱିପ୍ରହର ସଟ୍‌ସର୍କିଟ କାରଣରୁ ନିଆଁ ଲାଗିଯିବାରୁ ମୂଲ୍ୟବାନ ବ୍ୟବହାରିକ ସାମଗ୍ରୀ, ଲୁଗାପଟା, ଖଟ, ସଫାସେଟ ଓ ଅନ୍ୟାନ୍ୟ ଜିନିଷ ନଷ୍ଟ ହୋଇଛି। ଖବର ପାଇ ଟିକାବାଲି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ମଦ ଦୋକାନରୁ ଚୋରି

**କବିସୂର୍ଯ୍ୟନଗର, ୩।୨(ସମିସ):** କବିସୂର୍ଯ୍ୟନଗର ଥାନା ଇଲାକାରେ ପୁଣି ଚୋରଙ୍କ ଆତଙ୍କ। ଥାନା ଇଲାକାର ବିଭିନ୍ନ ଗାଁରେ ଏବେ ରାତି ଅନ୍ଧାରରେ ପୁଣି ଚୋରି ମାନେ ନିଜର କାୟା ବିସ୍ତାର କରୁଥିବାର ଅଭିଯୋଗ ହୋଇଛି। ପ୍ରଥମେ ଖରିଡାର ଏକ ସରକାରୀ ବିଦ୍ୟାଳୟରେ ଦୁର୍ବୃତ୍ତ କ୍ୟାମେରା ନେବା ସହ କ୍ୟାମେରାର ହାର୍ଡଡିସ୍କ ଚୋରି କରିନେଇଥିଲେ। ତାହାର କୌଣସି ଅଭିଯୁକ୍ତ ଧରାପଡ଼ିନଥିବା ବେଳେ ପୁଣି ଶୁକ୍ରବାର ବିଳମ୍ବିତ ରାତିରେ ଗୁଡିଆଳି ଗ୍ରାମର ପ୍ରବେଶ ଦ୍ୱାରରେ ଥିବା ବିଦେଶି ମଦ ଦୋକନାରୁ ମଧ୍ୟ କବାଟ ଭାଙ୍ଗି ଚୋରି ହୋଇଥିବାର ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ଜଣେ ଚୋର ନଗଦ ୨୦ ହଜାର ଟଙ୍କା ଓ କିଛି ବିଦେଶି ମଦ ଚୋରି କରି ନେଇଥିବାର ଅଭିଯୋଗ ହୋଇଥିବାବେଳେ ଚୋରିର ସମସ୍ତ ଦୃଶ୍ୟ ଏବେ ସିସି ଟିଭିରେ କଏଦ ହୋଇଛି। ଯାହାକୁ ଜବତ କରି ପୋଲିସ ଘଟଣାର ତଦନ୍ତ କରୁଛି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଭଞ୍ଜନଗର, ୩।୨(ସମିସ):** ଭଞ୍ଜନଗର ଖାଲା ସାହିରେ ରହୁଥିବା ଆଦର୍ଶ ଶିକ୍ଷକ ସରୋଜ କୁମାର ପାଢ଼ୀଙ୍କର ଶନିବାର ଭୋର ସମୟରେ ହୃଦଘାତରେ ଦେହାନ୍ତ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୪ବର୍ଷ ବୟସ ହୋଇଥିଲା। ଶ୍ରୀ ପାଢ଼ୀ ସ୍ଥାନୀୟ ସତ୍ୟସାଇ ବିଦ୍ୟା ବିହାରରେ ଦୀର୍ଘଦିନ ଧରି ସଂସ୍କୃତ ଓ ସାହିତ୍ୟ ବିଷୟରେ ଶିକ୍ଷାଦାନ କରି ଆସୁଥିଲେ। ତାଙ୍କର ବହୁ ଛାତ୍ରଛାତ୍ରୀ ଆଜି ରାଜ୍ୟ ତଥା ରାଜ୍ୟ ବାହାରେ ବହୁ ସୁନାମ ଅର୍ଜନ କରିଛନ୍ତି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ନିଷ୍କପଟ, ଶାନ୍ତ ସରଳ ବ୍ୟକ୍ତି ଥିଲେ। ଶ୍ରୀ ପାଢ଼ୀ ଶନିବାର ଭୋର ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପତ୍ନୀ ସସ୍ମିତା ପାଢ଼ୀ ଓ ଏକମାତ୍ର ପୁତ୍ର ହିମାଂଶୁ ପାଢ଼ୀ ଭଞ୍ଜନଗର ମେଡ଼ିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶ୍ରୀ ପାଢ଼ୀଙ୍କ ଅନ୍ତିମ ସତ୍କାର ପୁରୀ ସ୍ୱର୍ଗଦ୍ୱାରରେ ହୋଇଥିବା ଜଣାପଡ଼ିଛି। ଶ୍ରୀ ପାଢ଼ୀଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବ୍ଲକ୍‌ସ୍ତରୀୟ ଭାଷା ସମ୍ମିଳନୀ

**ଆସିକା, ୩।୨(ସମିସ):** ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳନ କରାଯାଇଛି। ଆସିକା ବିଡ଼ିଓ ଫକୀର ଚରଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଧାୟିକା ମଞ୍ଜୁଳା ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବ୍ଲକ ଅଧ୍ୟକ୍ଷା ତ୍ରିବେଣି ନାହକ, ବିଶିଷ୍ଟ ସାହିତ୍ୟିକ ଜଗନ୍ନାଥ ଗୌଡ଼, ତାରାତାରିଣୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ପଣ୍ଡା, ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ବିଭାଗର ଅଧ୍ୟାପିକା ସସ୍ମିତା ପାତ୍ର, ଟେକନିକାଲ ହାଇସ୍କୁଲ ଅବସରପ୍ରାପ୍ତ ଶିକ୍ଷାବିତ ବଂଶୀଧର ରଥ, ଶିକ୍ଷକ ବିଘ୍ନରାଜ ପଣ୍ଡାଙ୍କ ସମେତ ବହୁ ଶିକ୍ଷାବିତ ଯୋଗଦେଇଥିଲେ।

## ପୌର ବାରାକ୍ସ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**ବ୍ରହ୍ମପୁର, ୩।୨(ସମିସ):** ସ୍ଥାନୀୟ ଗାନ୍ଧୀନଗର ସରକାରୀ ପୌର ବାରାକ୍ସ ଉଚ୍ଚ ବିଦ୍ୟାଳୟରେ ଶନିବାର ପ୍ରାଥମିକ ସ୍ତରରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ରଞ୍ଜିତା ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ ହୋଇଥିଲା। ସେହିପରି ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଂଶୁ କୁମାର ପଟ୍ଟନାୟକ ଯୋଗ ଦେଇ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିବା ସହ ମାର୍ଗ ଦର୍ଶକ କରିଥିଲେ। ବିଦ୍ୟାଳୟ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତି ବିଭିନ୍ନ ପ୍ରକଳ୍ପ, କବିତା ଓ ଗଳ୍ପ ପ୍ରଦର୍ଶନୀ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବଂଶୀଧର ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ପଣ୍ଡା, ସସ୍ମିତା ପଣ୍ଡା, ରୌପ୍ୟମୟୀ ଶତପଥୀ, ତୃପ୍ତି ମିଶ୍ର, ମଧୁସ୍ମିତା ପଣ୍ଡା, ସସ୍ମିତା ବେହେରା, ମୀରାବାଇ ପଣ୍ଡା, ସରୋଜ କୁମାର ଦାଶ ଓ ଗୌରୀ ପଣ୍ଡା ଉପସ୍ଥିତ ଥିଲେ।

## ଆକ୍ରମଣ ମାମଲାରେ ଜଣେ ଗିରଫ

**ଛତ୍ରପୁର, ୩।୨(ସମିସ):** ଚମାଖଣ୍ଡି ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ଗ୍ରାମ ବିଦେଶୀ ମଦ ଦୋକାନ ନିକଟରେ ଗତ ଶୁକ୍ରବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଥିଲା। ସାନ କୁସ୍ଥଳୀର ଏସ. ରାମୁଲୁ ରେଡ୍ଡୀ ମାଣ୍ଡିଆପଲ୍ଲୀ ଗାଁର ମଙ୍ଗଳା ନାୟକଙ୍କୁ ଆକ୍ରମଣ କରିଥିଲେ। ଏନେଇ ମଙ୍ଗଳା ଚମାଖଣ୍ଡି ଥାନାରେ ଅଭିଯୋଗ କରିଥିଲା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଏସ ରାମୁଲୁ ରେଡ୍ଡୀଙ୍କୁ ଗିରଫ କରିଛି। ଏ ଘଟଣାର ଅନ୍ୟ ଜଣେ ଆହତ ଆର୍ଯ୍ୟପଲ୍ଲୀ ଗ୍ରାମର ପ୍ରଭାକର ଜେନା ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହେଉଥିବା ବିଟ୍ ହାଉସ ଇନଚାର୍ଜ ଏ ଏସଆଇ ଅରୁଣ କୁମାର ରାଉତ କହିଛନ୍ତି।

## ବ୍ଲକ୍ ଭିତ୍ତିରେ ପୁଲିସ ଥାନା ପୁନଃଗଠନ ଦାବି



**ବ୍ରହ୍ମପୁର, ୩।୨(ସମିସ):** ଲାଠି ଗ୍ରାମ ପଞ୍ଚାୟତର ସୁକୁଣ୍ଡା ଗ୍ରାମର କିଛି ଅଂଶ ବଡ଼ ବଜାର ଥାନାରେ ରହିଅଛି। ଏହି ଗ୍ରାମର କିଛି ଅଂଶ ଦିଗପହଣ୍ଡି, ସଦର ଏବଂ ବଡ ବଜାର ଥାନାରେ ରହିଛି। ତେଣୁ ଯଦି କିଛି ସମସ୍ୟା ଆସେ ଲୋକମାନେ ତିନି ତିନିଟା ଥାନାକୁ ବୁଲି ବୁଲି ନ୍ୟାୟ ପାଇବାରେ ବିଳମ୍ବ ହେଉଛନ୍ତି। ବ୍ଲକ ବା ତହସିଲ କାର୍ଯ୍ୟ ଅଂଚଳବାସୀ କୁକୁଡାଖଣ୍ଡି ଯାଇଥାନ୍ତି। ସଦର ଥାନା ଅଙ୍କୁଶପୁରଠାରେ ଅଛି ତେଣୁ ସୁକୁଣ୍ଡା ଗ୍ରାମକୁ ସଦର ଥାନାରେ ଅନ୍ତର୍ଭୁକ୍ତ କରିବାପାଇଁ ଆଜି ବିଜେପି ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀଙ୍କ ନେତୃତ୍ୱରେ ଅଂଚଳବାସୀ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କୁ ବଡ ବଜାର ଥାନାର ଭାରପ୍ରାପ୍ତ ଅଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କ ମାଧ୍ୟମରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ପ୍ରଶାନ୍ତ ପାଢ଼ୀ(ମହୁଡା ମଣ୍ଡଳ ସଭାପତି ) ପୁରୁଷୋତ୍ତମ ସେଠି, ରାମହରି ଦୋରା, ନାରାୟଣ ପାଣିଗ୍ରାହୀ, ପ୍ରତିଭା ରେଡ୍ଡୀ, ଅନିଲ ଦୋରା ପ୍ରମୁଖ ଉପସ୍ଥିସ ଥିଲେ।

## ଦୁର୍ଘଟଣାରେ ୪ ଆହତ

**ଛତ୍ରପୁର, ୩।୨(ସମିସ):** ଛତ୍ରପୁର ଭାଗ୍ୟଲକ୍ଷ୍ମୀନଗର ନିକଟ ଜାତୀୟ ରାଜପଥରେ ଶନିବାର ଦୁର୍ଘଟଣା ଘଟିଛି। ଏକ କାର୍ ଭାରସାମ୍ୟ ହରାଇ ଡିଭାଇଡର୍‌ରେ ପିଟି ହେବାରୁ ଡ୍ରାଇଭରଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ (ଓଡି୦୨ଏଇ-୪୭୪୭) ନମ୍ବର ବିଶିଷ୍ଟ ଏକ କାର୍ ଦେବଗଡ଼ରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଛତ୍ରପୁର ଭାଗ୍ୟଲକ୍ଷ୍ମୀନଗର ନିକଟ ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଥିଲା। ଖବରପାଇ ହାଇୱେ ପାଟ୍ରୋଲିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିବା ସହ ହସ୍ପିଟାଲରେ ଭର୍ତ୍ତି କରିଥିଲା।

## ଆଦର୍ଶ ଶ୍ମଶାନ ଲୋକାର୍ପିତ

**ଦିଗପହଣ୍ଡି, ୩।୨(ସମିସ):** ଦିଗପହଣ୍ଡି ଏନଏସି ପକ୍ଷରୁ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନବନିର୍ମିତ ଆଦର୍ଶ ଶ୍ମଶାନକୁ ଶନିବାର ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଲୋକାର୍ପିତ କରିଛନ୍ତି। କାର୍ଯ୍ୟକ୍ରମରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, କନିଷ୍ଠ ଯନ୍ତ୍ରୀ ଇଂ.ମମତା କୁମାରୀ ପଣ୍ଡା, ଏନଏସି ଉପାଧ୍ୟକ୍ଷା କେ.ପୂଜା, କାଉନସିଲର ନୀଳମାଧବ ଗୌଡ଼, ଦୀପକ କୁମାର ମିଶ୍ର, ସୁନୀଲ କୁମାର ପଣ୍ଡା, ସୁଶାନ୍ତ କୁମାର ପାତ୍ର, ମାମିନୀ ବେହେରା, କରିଶ୍ମା ନାୟକ, ଗୌରାଙ୍ଗ ଚରଣ ବେହେରା, ସନ୍ତୋଷିନୀ ବେହେରା, ଇ.ଗାୟତ୍ରୀ, ଜ୍ୟୋତ୍ସ୍ନା ଜେନାଙ୍କ ସମେତ ବହୁସଂଖ୍ୟକ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ।

## ସାହିତ୍ୟିକ, କବି ଓ ଲେଖକଙ୍କୁ ସମ୍ବର୍ଦ୍ଧନା



**ଭଞ୍ଜନଗର, ୩।୨(ସମିସ):** ଭଞ୍ଜନଗର ଏନ୍‌ଏସି ସଭାଗୃହରେ ଓଡ଼ିଆ ଭାଷାକୁ ଆଜି ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ଦେଇଥିବା ସେହି ମହାନ ବ୍ୟକ୍ତିତ୍ୱଙ୍କ ଉଦ୍ଦେଶ୍ୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ଏନ୍‌ଏସି ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମାହାର ଉପସ୍ଥିତ ଥିଲେ। ଅଶୋକ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ଥାନୀୟ ଅଞ୍ଚଳର ପ୍ରତିଷ୍ଠିତ ୧୫ ଜଣ ବିଶିଷ୍ଟ କବି, ସାହିତ୍ୟିକ ଓ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବ୍ଲକ ସମ୍ମିଳନୀ କକ୍ଷରେ ମଧ୍ୟ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସମାଜସେବୀ ଶୂଳପାଣି ଶତପଥୀ ଉପସ୍ଥିତ ରହି ବହୁ ସାହିତ୍ୟିକମାନଙ୍କୁ ସମ୍ମାନିତ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



ଭଞ୍ଜନଗର, ୩।୨(ସମିସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଜି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟନୀ ଅବସରରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ଅତିରିକ୍ତ ଉପଜିଲ୍ଲାପାଳ ବିଶ୍ୱରଞ୍ଜନ କର, ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା, ଅତିରିକ୍ତ ଜିଲ୍ଲାପାଳ ଦୀପ୍ତିମଣୀ ପ୍ରଧାନ, ସହକାରୀ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଏଷ୍ଟାବ୍ଲିଶମେଣ୍ଟ ଅଫିସର ଅନିଲ କୁମାର ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଏହି ଓଡ଼ିଆ ଭାଷା ସମ୍ମିଳନୀ ବିଶ୍ୱର ସମସ୍ତ ଓଡ଼ିଆଙ୍କୁ ଉତ୍ତମ ପ୍ରଭାବ ପକାଇବା ସହ ଯୁବପିଢ଼ିଙ୍କୁ ଓଡ଼ିଆ ଭାଷା ସହିତ ଯୋଡ଼ିବ ବୋଲି ମତ ପ୍ରକାଶ ପାଇଛି।

**ବୁଗୁଡ଼ା:** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ସମୂହ 'ବନ୍ଦେ ଉତ୍କଳ ଜନନୀ' ଗାୟନ ସହ ଓଡ଼ିଆ ଭାଷାର ଗୁରୁତ୍ୱ ଓ ଇତିହାସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିଥି ଭାବେ ବ୍ଲକ କେ. ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବିଡିଓ ସନ୍ତୋଷ କୁମାର ଜେନା, ସିଡିପିଓ ବବିତା କୁମାରୀ ପଣ୍ଡା, ମିଶନ ଶକ୍ତି ଅଧିକାରୀ ସଞ୍ଜୁ ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଶାର ମହାପୁରୁଷମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭାଷା ଓ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ସାହିତ୍ୟିକ ଅନନ୍ତ କର, ବିଭୂତି ଭୂଷଣ ମିଶ୍ର, ବୈଷ୍ଣବ ଚରଣ ଦାଶ, କାମରାଜୁ ସାହାଣୀ, ଅଶୋକ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିପିଓ ମନୋଜ କୁମାର ସାହୁ ପରିଚାଳନା କରିଥିବାବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁପ୍ରିୟା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।






## ଓଡ଼ିଆ ଭାଷା ସମ୍ମିଳନୀ ସମ୍ପର୍କିତ ସଭା



**ଗଞ୍ଜାମ,୩।୨(ସମିମସ):** ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମିଳନୀ ପରିପ୍ରେକ୍ଷୀରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ମୁଖ୍ୟବକ୍ତା ରୂପେ ବିଇଓ ଭାଗିରଥି ବେହେରା,ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ବେହେରା, ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର ତରାଇ ପ୍ରମୁଖ ମଞ୍ଚାସିନ ଥିଲେ। ପାଲା ଗାୟକ ସତ୍ୟ ନାରାୟଣ ଗୌଡ଼ଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ନୃତ୍ୟ ନିର୍ଦ୍ଦେଶିକା ଗୀତାଞ୍ଜଳି ସ୍ୱାଇଁ, ଶିକ୍ଷୟିତ୍ରୀ ତଥା କବି ବିଦ୍ୟୁଲତା ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସିଆରସିସି ମହେଶ ବେହେରା, ବ୍ରଜ ବେହେରା ତଥା ଅନ୍ୟମାନେ ସହଯୋଗ କରିଥିଲେ।

## 'ବନ୍ଦେ ଉତ୍କଳ ଜନନୀ' ଗାନ



**ସୋରଡ଼ା,୩।୨(ସମିସ):** ସୋରଡ଼ାରେ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଡିଓ ବିଜୟ କୁମାର ପ୍ରଧାନ, ବିଶିଷ୍ଟ ଲେଖକ ତଥା ସ୍ଥାନୀୟ କୋଷାଧିକାରୀ ବସନ୍ତ କୁମାର ବେହେରା, ସ୍ଥାନୀୟ ଜଗନ୍ନାଥ ସଂସ୍କୃତି ପରିଷଦର ସଭାପତି ଉମା ଶଙ୍କର ଦାସ ଶର୍ମା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଶିଷ୍ଟ ଲେଖକ ବସନ୍ତ ବେହେରାଙ୍କ ଓଡ଼ିଆ ସାହିତ୍ୟାୟନ ଚର୍ଚ୍ଚା ସମସ୍ତଙ୍କ ବେଶ ଖୋରାକ ଯୋଗାଇଥିବା ବେଳେ ନାଟ୍ୟ ରଚନାକାର ରାଧାକୃଷ୍ଣ ଦାସ ଶର୍ମାଙ୍କ ଗୀତି ସମସ୍ତଙ୍କୁ ଉନ୍ମୁଗ୍ଧ କରି ରଖିଥିଲା। ଉମାଶଙ୍କର ଦାସ ଶର୍ମାଙ୍କ ରଚିତ ଗଳ୍ପ ସମସ୍ତଙ୍କୁ ସ୍ତମ୍ଭିଭୂତ କରିଦେଇଥିଲା। ଅଞ୍ଚଳର ଲେଖକ ତଥା ସାମ୍ବାଦିକ ଶଶୀଭୂଷଣ ରଥଙ୍କ ଅସ୍ମିତା ଓ ଗାଥା ଆଲୋଚନା ସହିତ ବିଭିନ୍ନ ସଙ୍କଳନର ପୁସ୍ତକ ଆଦି ପ୍ରଦର୍ଶନୀରେ ସ୍ଥାନିତ କରାଯାଇଥିଲା। ବ୍ଲକର ସମାଜ ମଙ୍ଗଳ ଅଧିକାରୀ ଅଜିତ କୁମାର ବେହେରାଙ୍କ ସଂଯୋଜନା ଓ ସମାଜ ସୁରକ୍ଷା ଅଧିକାରୀ ଆରତ ସାମନ୍ତରାୟ, କମ୍ପ୍ୟୁଟର ସଂଯୋଜକ ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ଗ୍ରାମ ପଞ୍ଚାୟତ ଅଧିକାରୀ ପରବ ପ୍ରଧାନଙ୍କ ଆୟୋଜନ କ୍ରମେ ଲେଖିକା ଶକ୍ତିଦା ବିଷୋୟୀ, ସିଲ୍ଲା ଦିଲ୍ଲୀପ କୁମାର ପାତ୍ର, ରାଜେନ୍ଦ୍ର କୁମାର ପାଣିଗ୍ରାହୀ, ନେପାଳ ଚନ୍ଦ୍ର ସାହୁ ଯୋଗଦେଇ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

**ଧରାକୋଟ:** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍ଦେଶ୍ୟରେ ଧରାକୋଟ ବ୍ଲକ, ତହସିଲ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟରେ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରାଯାଇଥିଲା। ରାଜ୍ୟ ଭିତ୍ତିକ ଭାଷାର ପ୍ରଚାର ପ୍ରସାର ସହ ଓଡ଼ିଆ



ଅସ୍ମିତାର ଦୃଢତାର ନିଦର୍ଶନ ଏହି ସଂଗୀତ ବୋଲି ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଡିଓ ଡେନିସ ବେହେରା, ଏବିଡିଓ ସୁଶିଲ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଗଣେଶ ଦଳେଇ, ସହାୟକ ଅଧିକାରୀ କାଳନ୍ଦୀ ପାତ୍ର ପ୍ରମୁଖ ମତବ୍ୟକ୍ତ କରିଥିଲେ।

**ଛତ୍ରପୁର:** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଯୋଗଦେଇ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଲିନା କୁମାରୀ ଖେସ, ପ୍ରିୟ ରଞ୍ଜନ ପୃଷ୍ଟି ଓ ଦେବବ୍ରତ ସାହୁ, ଡେପୁଟି କଲେକ୍ଟର ଦୟାସିନ୍ଧୁ ପରିଡ଼ା, ରାଜେଶ କୁମାର ଏକ୍କା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ରାଧାକୃଷ୍ଣ ରାମଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବହୁ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।



ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ସଚେତନତା

# ବିନା ସୁଧରେ ୭୩ ଲକ୍ଷ ଋଣ ପ୍ରଦାନ

ରଙ୍ଗେଇଲୁଣ୍ଡା,୩।୨(ସମିସ)

ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ନେଇ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ରଙ୍ଗିପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ବ୍ଲକ ଅଧ୍ୟକ୍ଷ ଚିନି ଉଷାରାଣୀ, ବ୍ଲକ ଉପାଧ୍ୟକ୍ଷ ଅନିତା ମାହାଙ୍କୁଡ, ସିଡ଼ିପିଓ ଜ୍ୟୋସ୍ନା ପାଢ଼ି, ୫୪ନଂ ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ତୋଅପୋଇ ଦାସ, ସମିତି ସଭ୍ୟ କବିତାରାଣୀ



ଦାଶ, ବିଷ୍ଣୁପ୍ରିୟା ନାୟକ ଯୋଗଦେଇଥିଲେ। ସାଂସଦ ପ୍ରତିନିଧି ଅଜିତ କୁମାର ଦାଶ ପୌରହିତ୍ୟ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ବିଷୟରେ ଏଲଇଡି ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା।୧୩ ମହିଳା ଗୋଷ୍ଠୀଙ୍କୁ ୭୩ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସରପଞ୍ଚ ପ୍ରେମ ରଞ୍ଜନ ପଟ୍ଟନାୟକ, ସୁପରଭାଇଜର, ରଶ୍ମିତା ପଟ୍ଟନାୟକ, ଅମିତ ଦାସ, ମେନେକା ନାହାକ, ପିଇଓ ରାଜେନ୍ଦ୍ର ପଟ୍ଟନାୟକ, ବାଇରୀ ପାତ୍ର, ନରେଶ ପାତ୍ର, ପ୍ରକାଶ ସେଠି, ବାନି ଲେଙ୍କା, ପ୍ରଶାନ୍ତ ଦାସ, ଦଣ୍ଡପାଣି ବେହେରା ନିର ବେହେରା, ଯୁବ ସଭାପତି ବିନୋଦ କୁମାର ମାହାଙ୍କୁଡ଼, ବିପିଏମ ଅଜୟ ଦାସ, ସନ୍ତୋଷ ବେହେରା, ସସ୍ମିତା ମାଳି, ସୁନିତା ପଣ୍ଡା, ବିଜୟୀଲକ୍ଷ୍ମୀ ପାଢ଼ୀ, ମମତା ପାଢ଼ୀ, ସପନା ରାଣୀ ପଣ୍ଡା, ସୁନିତା ବେହେରା, ମମିତା ମିଶ୍ର, ବିନୋଦିନୀ ମହାପାତ୍ର, ଏମବିକେ, ସିଆରପି ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଦିଗପହଣ୍ଡି,୩।୨(ସମିସ):** ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତ ଅଧିନସ୍ଥ ମଦନମୋହନପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଓ ପ୍ରଧାନ ଶିକ୍ଷକ ଶିବରାମ ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସମାରୋହରେ ଶିକ୍ଷାମନ୍ତ୍ରୀ ସୁଦାମ ମାରାଣ୍ଡି, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ



ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ରଫି ଏବଂ ପ୍ରମାଣପତ୍ର ସହ ଶ୍ରେଷ୍ଠ ବିଦ୍ୟାଳୟ ରୂପେ ୩ ଲକ୍ଷ ଓ ପ୍ରଧାନଶିକ୍ଷକଙ୍କୁ ୨୫ ହଜାର ଟଙ୍କା ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକଙ୍କୁ ଏହି ସମ୍ମାନ ମିଳିବା ପରେ ସେ ନିଜ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ଏବଂ ପୂର୍ବତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା, ସଦସ୍ୟ, ଅଭିଭାବକ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସରପଞ୍ଚଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଦିଗପହଣ୍ଡି,୩।୨(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କଇଠଖଣ୍ଡି ପଞ୍ଚାୟତ ସରପଞ୍ଚ ମନୋରଞ୍ଜନ ଗୌଡ଼ଙ୍କୁ ପଞ୍ଚାୟତର ବିକାଶ ଏବଂ ଉତ୍ତମ କାର୍ଯ୍ୟଧାରା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ସହ ସମ୍ମାନିତ କରାଯାଇଛି । ଦୀର୍ଘ ୨ ବର୍ଷ ଧରି ପଞ୍ଚାୟତରେ ଛାତ୍ରଛାତ୍ରୀଙ୍କ ଉତ୍ତମ ଭବିଷ୍ୟତ ଗଢ଼ିବା ସକାଶେ ସରପଞ୍ଚ ଶିକ୍ଷା ପ୍ରତି ଗୁରୁତ୍ୱ ପ୍ରଦାନ ଏବଂ ନିଜ ପଞ୍ଚାୟତବାସୀଙ୍କ ନିମନ୍ତେ ଲୋକାଭିମୁଖୀ ଯୋଜନାକୁ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ତତ୍ପର ହୋଇ ଆସୁଥିବା ଯୋଗୁଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ପ୍ରଦାନ କରିବା ସହ ନଗଦ ୫ ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସରପଞ୍ଚଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟୁଥିବା ବେଳେ ସେ ପଞ୍ଚାୟତବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।




## ଗାଳ୍ପିକ ଓ ସାହିତ୍ୟିକ ସମ୍ମାନିତ



**ଧରାକୋଟ,୩।୨(ସମିସ):** ଧରାକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଏକ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ଡେନିସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଇଓ ଲିଙ୍ଗରାଜ ସ୍ୱାଇଁ, ଗାଳ୍ପିକ ତଥା ସାହିତ୍ୟିକ ସୋମନାଥ ପଣ୍ଡା, ଗବେଷକ ଡଃ ବିମଳ ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ରହିଥିବା ବେଳେ କାର୍ଯ୍ୟକ୍ରମକୁ ଏବିଡିଓ ଶୁଶିଲ କୁମାର ପଟ୍ଟନାୟକ ସଂଯୋଜନା କରିଥିଲେ।ଏହି ଅବସରରେ ଗାଳ୍ପିକ, କବି ସୋମନାଥ ପଣ୍ଡାଙ୍କ ସହ ଗବେଷକ ଡଃ ବିମଳ ପ୍ରସାଦ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭାରତୀୟ ଜନତା ପାର୍ଟିର ବୁଥ୍ ଚାଲ ଅଭିଯାନ

**ବ୍ରହ୍ମପୁର,୩।୨(ସମିସ):** ସ୍ଥାନୀୟ ଉତ୍କଳ ଆଶ୍ରମ ରୋଡ଼ ସ୍ଥିତ ଗଞ୍ଜାମ କଳା ପରିଷଦରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଶୁକ୍ରବାର "ବୁଥ ଚାଲ ଅଭିଯାନ କର୍ମଶାଳା' ଅନୁଷ୍ଠିତ ହୋଯାଇଛି। ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ବିଭୂତି ଭୂଷଣ ଜେନା ଯୋଗଦେଇ କର୍ମଶାଳାକୁ ଶୁଭାରମ୍ଭ କରିଥଲେ। ସେହିପରି ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ କିରଣ ଷଡ଼ଙ୍ଗୀ, ବ୍ରହ୍ମପୁର ବିଧାନସଭା ପ୍ରଭାରୀ ରାମ ପ୍ରସାଦ ସାମଲ, ଜିଲ୍ଲା ସମ୍ପାଦକ ତଥା କର୍ପୋରେଟର ପ୍ରଦୀପ ଶତପଥି, ଡ଼ି.କରୁଣାକର, ସବିତା ସାହୁ, ରଞ୍ଜିତା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସ୍କା ରୋଡ଼ ମଣ୍ଡଳ ସଭାପତି ଭାବଗ୍ରାହୀ ପାଳ, କମାପଲ୍ଲୀ ମଣ୍ଡଳ ସଭାପତି ଗୋପିନାଥ ପଣ୍ଡା, ପୁରୁଣା ବ୍ରହ୍ମପୁର ମଣ୍ଡଳ ସଭାପତି କେ.ଟୁଙ୍ଗୁରୁ ପାତ୍ର, ଗାନ୍ଧୀନଗର ମଣ୍ଡଳ ସଭାପତି ପ୍ରଫୁଲ୍ଲ ପାଣିଗ୍ରାହୀ, ଗୋଷଣିନୂଆଗାଁ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଚୌଧୁରି, ସାନବଜାର ମଣ୍ଡଳ ସଭାପତି ସରୋଜ ପାତ୍ର, ଗେଟ୍ ବଜାର ମଣ୍ଡଳ ସଭାପତି ଧର୍ମରାଜ ପାଣିଗ୍ରାହୀ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ ଦେବି ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଶିକ୍ଷକଙ୍କୁ ଆଲୁମିନି କମିଟିର ସମ୍ବର୍ଦ୍ଧନା

**ଭଞ୍ଜନଗର,୩।୨(ସମିସ):** ଜଗନ୍ନାଥ ପ୍ରସାଦ ବ୍ଲକ କଳିଙ୍ଗ ପଦର ଅଚ୍ୟୁତାନନ୍ଦ ଆଶ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସବୁଜ କୁମାର ସାହୁ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ମାଧ୍ୟମିକ ଶିକ୍ଷକ ରୂପେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଶିକ୍ଷା ପୁରସ୍କାର ପାଇଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ବାତା ବରଣ ସୃଷ୍ଟି ହୋଇଛି। ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ଗଠିତ ଆଲୁମିନି କମିଟିର ସଭାପତି ବସନ୍ତ କୁମାର ସାହୁ ଏବଂ ସହଯୋଗି ସଦସ୍ୟ କାମ୍ପ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ଆର.ଉମାଶଙ୍କର ରାଓ, ଗଜେନ୍ଦ୍ର ସେଠୀ, ସୁନେଲୀ କୁମାର ସାହୁ, ଶକ୍ତି ସ୍ୱରୂପ ସାହୁ, ବିରାଟ ଦଳବେହେରା, ପ୍ରିୟ କୃଷ୍ଣ ବେହେରା, ହରେକୃଷ୍ଣ ପ୍ରଧାନ, କହ୍ନେଇ କୁମାର ବେହେରାଙ୍କ ଉପସ୍ଥିତରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ମଲ୍ଲିକ ଶିକ୍ଷକ ସବୁଜ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।




## ସୋଲବନ୍ଧ ୟୁପି ସ୍କୁଲର ବାର୍ଷିକ ଉତ୍ସବ



**ଖଲ୍ଲିକୋଟ,୩।୨(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସୋଲବନ୍ଧ ୟୁପି ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଅଭିରାମ ବିଶ୍ୱାଳ, ପ୍ରବଚକ ଇସ୍କନ ତୋଷଣ ମାଧବ ଦାସ ପ୍ରଭୁଜୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶିବରାମ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବେହେରା, ସିଆରସିସି ପ୍ରଦୀପ ତ୍ରିପାଠୀ ଓ ବଳରାମ ଜାଲିଙ୍କ ସହ ଗ୍ରାମ ସଭାପତି କାମ୍ପ ସ୍ୱାଇଁ ଓ ମୋ ସ୍କୁଲ ଆଲୁମିନି ସଭାପତି ପୂର୍ଣଚନ୍ଦ୍ର ଡାକୁଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ପ୍ରଧାନ ଶିକ୍ଷକ ପୁରସ୍କାର ନିମନ୍ତେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ମଲ୍ଲିକ ଓ ବିଦ୍ୟାଳୟ ଏସଏମସି ସଭାପତି ସୂର୍ଯ୍ୟନାରାୟଣ ମାଝୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ବଟକୃଷ୍ଣ ଗୌଡ଼, ବାଉରୀବନ୍ଧୁ ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ଓ ଗ୍ରାମବାସୀ ବୃନ୍ଦ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଦିବ୍ୟାଭାରତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯଇଥିଲା।

## ସରକାରୀ ଓକିଲ ନିଯୁକ୍ତ

**ଦିଗପହଣ୍ଡି,୩।୨(ସମିସ):** ଦିଗପହଣ୍ଡି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କ କୋର୍ଟରେ ସରକାରୀ ଓକିଲ ଏପିପି ଭାବେ ଖେମୁଣ୍ଡି ଓକିଲ ସଂଘର ସଦସ୍ୟ ମନୋରଞ୍ଜନ ପଣ୍ଡା ନିଯୁକ୍ତ ହୋଇଛନ୍ତି। ଶୁକ୍ରବାର ସେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଗତ ଜାନୁଆରୀ ୩୧ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ମିଳିଥିବା ବେଳେ ସ୍ଥାନୀୟ ଓକିଲ ସଂଘର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ବୃନ୍ଦଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

# ସମ୍ମାନିତ ହେଲେ ବହୁ କବି ଓ ଲେଖକ

ଛତ୍ରପୁର,୩।୨(ସମିସ)

ସ୍ଥାନୀୟ ଷ୍ଟାଡିଅମ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଛତ୍ରପୁର ଏନଏସିସ୍ତରୀୟ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ ଯେ ଆଜି ପ୍ରତି ଓଡ଼ିଆଙ୍କ ମନରେ ଉତ୍ସାହ ଓ ଆନନ୍ଦ ସହ ଭାଷା ପ୍ରତି ପୁନଃ ଏକ ସଚେତନତା ଆସିଯାଇଛି। ଏହି ଅବସରରେ ବିଧାୟକଙ୍କ ସହ ଉପସ୍ଥିତ ଥିବା ସମସ୍ତ ଜନପ୍ରତିନିଧି, କବି ଓ ଲେଖକ ଏବଂ ମିଶନ ଶକ୍ତି ର ମାନେ ଏକାଠି ହୋଇ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଡୁଡ଼ା ପିଡି ନୀଳମାଧବ ଭୋଇ, ଛତ୍ରପୁର ଏନଏସି ଅଧ୍ୟକ୍ଷା



ଶମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି. ପାପା ରାଓ, ଇଓ ସମ୍ବିତ ସଂଗ୍ରାମଜିତ ସାହୁ, କବି ଡ଼ଃ ପ୍ରଶାନ୍ତ କୁମାର ଶତପଥି ପ୍ରମୁଖ ମଞ୍ଚାସିନ ରହିଥିବାବେଳେ ସମସ୍ତ କାଉନସିଲର ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକଙ୍କ ଦ୍ୱାରା ଏକ ସଚେତନତା ରଥର ଶୁଭରାମ୍ଭ ହୋଇଥିଲା। ସେହିପରି ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳିତ ହୋଇଯାଇଛି। କବି ଓ ଲେଖକଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ବିଡ଼ିଓ ସୁଶାନ୍ତ କୁମାର ବରାଳ, ଫାଇନାନ୍ସ ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କ ବହୁ ମହିଳା ମାନେ ଉପସ୍ଥିତ ଥିଲେ।

## 'ମିଶନ ଶକ୍ତି' ଓଡ଼ିଆ କବି ସମ୍ମିଳନୀ

**ସାନଖେମୁଣ୍ଡି,୩।୨(ସମିସ):** ସାନଖେମୁଣ୍ଡି ବ୍ଲକ ମିଶନ ଶକ୍ତି ଆନୁକୂଲ୍ୟରେ ଶୁକ୍ରବାର କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କବି ସମ୍ମିଳନୀରେ ୨୫ ଜଣ ମହିଳା ସ୍ୱ-ରଚିତ କବିତା ପାଠ କରିଥିଲେ। ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କବିତା ଆବୃତ୍ତି କରିଥିଲେ। ବିଚାରକ ଭାବେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଭାରପ୍ରାପ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ସୁପରଭାଇଜର ମମତା ଦେବୀ, ମମତା ପଣ୍ଡା, ବିପିଏମ୍ ନରେନ୍ଦ୍ର ତ୍ରିପାଠୀ, ବିପିସି ଦୁର୍ଯ୍ୟୋଧନ ମଲ୍ଲିକ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଶିବାନୀ ରେଡ଼ି ( ପ୍ରଥମ ), ରୋଜାଲିନି ପାତ୍ର (ଦ୍ୱିତୀୟ) ଏବଂ ରଶ୍ମିତା ପରିଚ୍ଛା (ତୃତୀୟ) ସ୍ଥାନ ପାଇଥିଲେ। ସମସ୍ତ ୨୫ ଜଣ ପ୍ରତିଯୋଗୀଙ୍କୁ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବିଏଲ୍ଏଫ୍ ସଭାପତି କେ ଲକ୍ଷ୍ମୀ ଦୋରା, ସମ୍ପାଦକ ବବିତା ବେହେରା, ଏମ୍ବିକେ ସ୍ୱପ୍ନା ଗୌଡ଼, ଲକ୍ଷ୍ମୀ ଗୌଡ଼, ସୁଚିତ୍ରା ପାଣିଗ୍ରାହୀଙ୍କ ସମେତ ସିଆରପି, ବ୍ୟାଙ୍କ ମିତ୍ର, ଏସଏଚଜି ମହିଳା ଉପସ୍ଥିତ ଥିଲେ।



## ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ବେଲଗୁଣ୍ଠା,୩।୨(ସମିସ):** ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ପାଇଲିପଡ଼ା ପଞ୍ଚାୟତର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶଙ୍କର ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ ହୋଇଥିଲା । ସରପଞ୍ଚ ଜୟରାମ ନାୟକ, ବ୍ଲକ ବିଜୁ ଜନତା ଦଳ ଯୁବ ସଭାପତି ଶିବରାମ ରାଉତ ଏବଂ ବିଜୁ ଜନତା ଦଳ ପାଇଲିପଡ଼ା ସଭାପତି ରଙ୍କନିଧି ସାହୁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏଥିରେ ୬୩ ଜଣ ଲୋକଙ୍କ ଚକ୍ଷୁ ପରୀକ୍ଷା ହେବା ସହ ଅସ୍ତ୍ରୋପଚାର ହେବା ପାଇଁ ୧୩ ଜଣ ଶଙ୍କର ଚିକିତ୍ସାଳୟକୁ ଯାଇଥିଲେ । ୱାର୍ଡ ସଭ୍ୟ ଶଙ୍କର ଦାସ, ପାଇଲିପଡ଼ା ଡିଜିଟାଲ୍ ସମ୍ପାଦକ ଜଗନ୍ନାଥ ସାହୁ, ସମାଜସେବୀ ପିତବାସ ରାଉତ, ରଞ୍ଜିତ କୁମାର ରାଉତ, ଲକ୍ଷ୍ମୀ ନାରାୟଣ ସାହୁ ଏବଂ ପାଇଲିପଡା ଓ ବାରଟା ଗ୍ରାମବାସୀ ବୃନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



**ଖଲ୍ଲିକୋଟ,୩।୨(ସମିସ):** ଖଲ୍ଲିକୋଟ ଥାନା ଅଧିକାରୀ ଭାବେ ଯୋଗଦେଲେ ନରେଶ କୁମାର ସାହୁ । ଖଲ୍ଲିକୋଟ ଥାନାର ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କ କମିଶନରେଟ ପୋଲିସ କଟକ ସଦର ଥାନା ଅଧିକାରୀ ଭାବେ ବଦଳି ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅଧିକାରୀ ଥିବା ନରେଶ କୁମାର ସାହୁଙ୍କୁ ଖଲ୍ଲିକୋଟ ଥାନା ଅଧିକାରୀ ଭାବେ ବଦଳି ହୋଇଥିଲା । ତେବେ ଶୁକ୍ରବାର ଅପରାହ୍ନରେ ନରେଶ କୁମାର ସାହୁ ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ଦାୟିତ୍ୱକୁ ନେଇ ସେ ଉତ୍ସାହିତ ଥିବା କହିଛନ୍ତି ଏବଂ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ତଥା ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ଦିଗରେ ଦୃଷ୍ଟି ଦେବା ସହ ଜନସାଧାରଣ ମାନଙ୍କ ସହଯୋଗ ଆବଶ୍ୟକ ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାହୁ କହିଛନ୍ତି ।

## ଥାନା ଅଧିକାରୀଙ୍କ ଯୋଗଦାନ



**ଛତ୍ରପୁର,୩।୨(ସମିସ):** ଚମାଖଣ୍ଡି ଥାନାରେ ନୂତନ ଥାନା ଅଧିକାରୀ ଭାବେ ଦୀପିକା ଦେବୀ ରାୟ ଯୋଗଦେଇଛନ୍ତି । ଦାୟିତ୍ୱ ନେବା ପରେ ଚମାଖଣ୍ଡି ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ, ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱ ଦେବେ । ଏହା ସହ ଅସାମାଜିକ ବ୍ୟକ୍ତିଙ୍କ ଉପରେ କଡାନଜର ରଖାଯିବା ସହ ପୁଲିସ ପାଟ୍ରୋଲିଂକୁ କଡାକଡ଼ି ପାଳନ କରାଯିବ ବୋଲି ସେ କହିଛନ୍ତି । ଥାନା ଅଧିକାରୀ ଦାୟତ୍ୱ ଗ୍ରହଣ ପୂର୍ବରୁ ଗଞ୍ଜାମ ଏସପି ଜଗମୋହନ ମୀନା ଭେଟି ଥିଲେ । ପୂର୍ବରୁ ସେ ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନାରେ ଅବସ୍ଥାପିତ ଥିଲେ ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ପୋଲସରା,୨।୨(ସମିସ):** ପୋଲସରା ଏନଏସି ସ୍ଥିତ ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ କୁମାର ପରମଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଆଶିଷ କୁମାର ପ୍ରଧାନ ସଂଯୋଜନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶିଶିର କାନ୍ତ ବିଷୋୟୀ, ମନୋଜ କୁମାର ପାଢ଼ୀ, ଅଧ୍ୟାପିକା ପ୍ରିୟମ୍ବଦା ଦାସ ଯୋଗଦେଇ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ମାଷ୍ଟର ଟ୍ରେନର ସୁଚିତ୍ରା ବେହେରା ଓ ସୁଜ୍ଞାନି ପ୍ରଧାନ ତାଲିମ ପ୍ରଦାନ କରିଥିଲେ । ଅଧ୍ୟକ୍ଷଙ୍କ ଦ୍ୱାରା ଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ସମସ୍ତ କର୍ମଚାରୀ ସହଯୋଗ କରିଥଲେ ।

## ଚୋରି ଅଭିଯୋଗରେ ଜଣେ ଗିରଫ

**ବ୍ରହ୍ମପୁର,୩।୨(ସମିସ):** ଚୋରି ମାମଲାରେ ଗୋଷାଣିନୂଆଗାଁ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ପୁରୁଣା ବ୍ରହ୍ମପୁର ମାର୍ଥା ସାହିର ଅଜୟ ଦଳବେହେରା(୨୯) । ସୂଚନାଯୋଗ୍ୟ ଯେ, ବଦ୍ରିରାଜନଗର ନିବାସୀ ରତନ କୁମାର ବେହେରାଙ୍କର ସ୍ଥାନୀୟ ଗୁଡସେଡ ରୋଡ଼ ନିକଟରେ ଗୋଟିଏ ଜେନେରେଟର ୱାର୍କସପ ଅଛି । ଶନିବାର ପୂର୍ବାହ୍ନରେ ଉକ୍ତ ୱାର୍କସପରୁ ଅଜୟ ଜେନେରେଟର ପାର୍ଟସ ଚୋରି କରୁଥିବା ବେଳେ ରତନ ଓ ସେଠା କାର କର୍ମଚାରୀମାନେ ତାକୁ କାବୁ କରିନେଇଥିଲେ । ପରେ ପୁଲିସକୁ ସୂଚନା ଦେଇଥିଲେ । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଜୟକୁ ଗିରଫ କରି ସନ୍ଧ୍ୟାରେ କୋର୍ଟଚାଲାଣ କରିଥିଲା ।

## ଗଜପତି ପ୍ରେସ କ୍ଲବ୍‌ର ବୈଠକ



**ପାରଳାଖେମୁଣ୍ଡି,୩।୨(ସମିସ):** ଗଜପତି ଜିଲ୍ଲାରେ ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ପ୍ରତିନିଧିଙ୍କ ବୈଠକ ଗଣ୍ଡାହାତୀ ଜଳପ୍ରପାତ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟତଃ ସଂଗଠନ ସୁଦୃଢ଼ କରିବା ପାଇଁ ଆଲୋଚନା ହୋଇଥିବା ବେଳେ ସମସ୍ତେ କିପରି ଶୃଙ୍ଖଳିତ ଭାବେ ନିଜ ନିଜ ଦାୟିତ୍ୱ ତୁଲାଇବେ ସେନେଇ ଆହ୍ୱାନ ଦିଆଯାଇଛି । ବୈଠକରେ ଜିଲ୍ଲାର ବ୍ଲକସ୍ତରୀୟ ଏବଂ ଜିଲ୍ଲା ସାମ୍ବାଦିକମାନେ ଯୋଗ ଦେଇଥିଲେ । ଏହା ସହ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା । ଆଗାମୀ ଦିନରେ ସଂଘକୁ ଅଧିକ ସୁଦୃଢ଼ କରିବା ସହ ସାମୂହିକ ଭାବରେ ଏକତ୍ର ହୋଇ ସଂଘ ଓ ଜିଲ୍ଲାର ବିକାଶ ଦିଗରେ କାର୍ଯ୍ୟ କରିବା ଉପରେ ଆଲୋଚନା ହୋଇଥିଲା । ସାମ୍ବାଦିକଙ୍କ ସୁରକ୍ଷା, ସଂଘର ସ୍ଥାୟୀ କୋଠା ଗୃହ ସ୍ଥାପନ ସଂପର୍କରେ ଆଲୋଚନା ହୋଇଥିଲା । ଏଥିରେ ଜିଲ୍ଲାର ବହୁ ସଂଖ୍ୟକ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଆଲୋଚନା କରିଥିଲେ ।

## ପୁରାତନ ଛାତ୍ର ସଂସଦକୁ ଶିକ୍ଷା ପୁରସ୍କାର

**ଛତ୍ରପୁର,୩।୨(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ଶ୍ରୀନୀଳକଣ୍ଠେଶ୍ୱର ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦର 'ମୋ ସ୍କୁଲ' ଅଭିଯାନରେ ଉଲ୍ଲେଖନୀୟ ସହଭାଗିତା ପାଇଁ ଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଶିକ୍ଷା ସଚିବଙ୍କ ଦସ୍ତଖତରେ ଏକ ମାନପତ୍ର ପ୍ରାପ୍ତ ହୋଇଥିବା ବିଷୟ ପୁରାତନ ଛାତ୍ର ସଂସଦର ସଂପାଦକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

## ସହରାଞ୍ଚଳରେ ରିକ୍ସା ଅଲୋଡ଼ା

# ଭିନ୍ନ ପନ୍ଥା ଆପଣେଇଲେଣି ଚାଳକ

**ଭଞ୍ଜନଗର,୩।୨(ସମିସ)**

ଏକଦା ଯାତାୟାତ ସକାଶେ ରିକ୍ସାର ଚାହିଦା ଢ଼େର ବେଶୀ ଥିଲା । ଯେଉଁ ସ୍ଥାନକୁ ଯିବାକୁ ଗାଡ଼ି ମଟରର ସୁବିଧା ନଥିଲା । ସେହି ସ୍ଥାନକୁ ଯିବା ପାଇଁ ଲୋକମାନେ ରିକ୍ସା ଉପରେ ନିର୍ଭର କରୁଥିଲେ । ଏପରିକି ବିବାହ ସମୟରେ କନ୍ୟା ରିକ୍ସା ଚଢ଼ି ନିଜ ଶାଶୁ ଘରକୁ ଯାଉଥିଲା । ଯେକୌଣସି ପର୍ବପର୍ବାଣି, ଭଷାଣି, ଶୋଭାଯାତ୍ରାରେ ରିକ୍ସାକୁ ବିଭିନ୍ନ ରୂପରେ ସଜ୍ଜିତ କରି ପ୍ରଦର୍ଶନ କରାଯାଉଥିଲା । ଯାହା ଫଳରେ ସହରାଞ୍ଚଳରେ ବହୁଳ ଭାବରେ ରିକ୍ସାର ବ୍ୟବହାର କରାଯାଉଥିଲା । ବିଶେଷ କରି ବସଷ୍ଟାଣ୍ଡ, ପ୍ରତ୍ୟେକ ଛକ ସ୍ଥାନ, ବଜାର ଓ ମୁଖ୍ୟ ରାସ୍ତାରେ ଲୋକଙ୍କୁ ପରିବହନ ସେବା ଯୋଗାଇବା ନିମନ୍ତେ ଅନେକ ଗୁଡିଏ ରିକ୍ସା ଅଟକି ରହୁଥିଲା । ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ମଧ୍ୟ ଅନେକଥର ବିଧାନସଭାକୁ ରିକ୍ସାରେ ଯାତ୍ରା କରିଥିଲେ । କହିବାକୁ ଗଲେ ରିକ୍ସାରେ ଯାତ୍ରୀମାନେ ସୁରକ୍ଷିତ ଭାବେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରିପାରୁଥିଲେ । ଫଳରେ ଜଣେ ରିକ୍ସା ଚାଳକ ରିକ୍ସା ଟାଣି ଭଲ ଦୁଇ ପଇସା ରୋଜଗାର କରୁଥିଲା । ଏଥିରୁ ସେ ନିଜ ପରିବାରର ଗୁଜୁରାଣ ମେଣ୍ଟାଇ ପାରୁଥିଲା । ରିକ୍ସାକୁ ନେଇ କେତେ ଜଣ ବ୍ୟବସାୟ ମଧ୍ୟ କରୁଥିଲେ । ଜଣେ ଜଣେ ମାଲିକଙ୍କ ନିକଟରେ ଏକାଧିକ ରିକ୍ସା ଥିବାରୁ ତାହାକୁ ସେମାନେ ଅନ୍ୟମାନଙ୍କୁ ଭଡ଼ା ସୂତ୍ରରେ ଦେଇ ଅର୍ଥ ଆଦାୟ କରୁଥିଲେ । ହେଲେ ସମୟ ବଦଳିବା ସହ ରିକ୍ସାର ଚାହିଦା ମଧ୍ୟ ପୂର୍ବାପେକ୍ଷା ବହୁତ କମି ଯାଇଛି । ବର୍ତ୍ତମାନ ଯାତ୍ରୀବାହୀ ଅଟୋ, ଟ୍ୟାକ୍ସି ଭଳି ଅନେକ ଛୋଟ ଯାନବାହନ ଆସିଯିବାରୁ ଲୋକମାନେ ଶୀଘ୍ର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ ପାରୁଛନ୍ତି । ତେଣୁ ରିକ୍ସା ଏବେ ଅଲୋଡ଼ା ହୋଇପଡ଼ିଛି । ପୂର୍ବରୁ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସହରରେ ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱର୍ ରିକ୍ସା ଚଳପ୍ରଚଳ ହେଉଥିବା ବେଳେ ବର୍ତ୍ତମାନ ଗୋଟିଏ କି ଦୁଇଟା ରିକ୍ସା ରହିଛି । କାଁ ଭାଁ କେତେବେଳେ କେମିତି ସେଗୁଡ଼ିକ ରାସ୍ତାରେ ଗଡୁଥିବା ଦେଖାଯାଇଛି । ଆଗର ବହୁ ରିକ୍ସା ଚାଳକଙ୍କର ଦେହାନ୍ତ ହୋଇଥିବାବେଳେ ଏବେ ଆଉ କୌଣସି ଯୁବକ ରିକ୍ସା ଚଲାଇବାକୁ କୁଣ୍ଠା ପ୍ରକାଶ କରୁଛନ୍ତି । ଦିନକୁ ଦିନ ଲୋକସଂଖ୍ୟା ବୃଦ୍ଧି ପାଉଥିବାବେଳେ ସେହି ଅନୁସାରେ ଯାନବାହନ ସଂଖ୍ୟା ମଧ୍ୟ ବଢ଼ିଛି । ହେଲେ ରିକ୍ସାରେ ଯାତାୟାତ ସମୟ ସାପେକ୍ଷ ହୋଇଥିବାରୁ ଆଜିକାଲି କେହି ଏହାକୁ ପସନ୍ଦ କରୁନାହାନ୍ତି । ତେଣୁ ରୋଜଗାର ପାଇଁ ଆଜି ଯୁବଗୋଷ୍ଠୀ ଅନ୍ୟ କାର୍ଯ୍ୟ କରିବାକୁ ପସନ୍ଦ କରୁଛନ୍ତି । ତେଣୁ ଆଜି ରିକ୍ସା ଆମ ସମାଜରେ ଅଲୋଡ଼ା ହୋଇପଡିଛି ।



**ଦିନେ ଯାତାୟାତ କ୍ଷେତ୍ରରେ ଥିଲା ପ୍ରମୁଖ ମାଧ୍ୟମ**

## ହାର୍ପିକ୍ ସ୍କୁଲ ସ୍ୱଚ୍ଛତା ତାଲିମ କର୍ମଶାଳା



**ଛତ୍ରପୁର,୩।୨(ସମିସ):** ସ୍ଥାନୀୟ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅମର ଜ୍ୟୋତି ଯୁବକ ସଂଘ, ଓଡ଼ିଶା ଓ ରେକିଟ୍ ଇଣ୍ଡିଆର ମିଳିତ ସହଯୋଗରେ ହାର୍ପିକ୍ ସ୍କୁଲ ସ୍ୱଚ୍ଛତା ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ବ୍ଲକର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ ଏବଂ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀମାନେ ତାଲିମ ଗ୍ରହଣ କରୁଛନ୍ତି । ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ସଂଯୁକ୍ତା ରଥ ଓ ନମିତାରାଣୀ ରାଉତ ଏବଂ ରାଜ୍ୟ ସଂଯୋଜକ ନୀଳମାଧବ ଦିଗାଲ ପ୍ରମୁଖ ଯୋଗଦେଇଥିଲେ । ଅମର ଜ୍ୟୋତି ଯୁବକ ସଂଘ ଓଡ଼ିଶାର ରାଜ୍ୟ କାର୍ଯ୍ୟକାରୀ ସଂଯୋଜକ ନୀଳମାଧବ ଦିଗାଲ ତାଲିମ ଦେଇଥିବାବେଳେ ଗଞ୍ଜାମ ଜିଲ୍ଲାର ସଂଯୋଜିକା ଜ୍ୟୋତ୍ସ୍ନାରାଣୀ ସାମଲ, ଖୋର୍ଦ୍ଧା ଜିଲ୍ଲାର ସଂଯୋଜିକା ଇତିଶ୍ରୀ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ।

## ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ; ୬ ଆହତ

**ପାତ୍ରପୁର,୩।୨(ସମିସ):** ଜରଡ଼ା ଥାନା ଅନ୍ତର୍ଗତ କୁତୁମ୍ବରୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶନିବାର ଗୋଷ୍ଠୀ ସଂଘର୍ଷ ଘଟିଛି । ଏଥିରେ ୬ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ବିନୟକୁମର ପ୍ରଧାନ(୪୫), ପ୍ରଶାନ୍ତ କୁମାର ପ୍ରଧାନ(୩୫) ରହିଛନ୍ତି । ଆହତ ମାନଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସୂଚନା ଅନୁସାରେ କୌଣସି କାରଣକୁ ନେଇ ଶନିବାର ମଧ୍ୟାହ୍ନରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଉଗ୍ରରୂପ ନେଇଥିଲା । ଗୋଟିଏ ଗୋଷ୍ଠୀର ନିରୁ ପ୍ରଧାନଙ୍କ ଏତଲାକୁ ଭିତ୍ତି କରି ୯ଜଣଙ୍କ ନାଁରେ କେସ ନମ୍ବର ୪୬/୨୪ ରୁଜୁ ହୋଇଥିବା ବେଳେ ଅନ୍ୟ ଗୋଷ୍ଠୀର ବିନୟ କୁମାର ପ୍ରଧାନଙ୍କ ଏତଲାକୁ ଭିତ୍ତି କରି ୫ ଜଣଙ୍କ ନାଁରେ କେସ ନମ୍ବର ୪୭/୨୪ ରୁଜୁ ହୋଇ ତଦନ୍ତ ଚାଲିଥିବା ଜରଡ଼ା ଥାନା ଏସ୍ଆଇ ମିନାକ୍ଷୀ ଦଳ ବେହେରା କହିଛନ୍ତି । ଘଟଣାରେ କୌଣସି ବ୍ୟକ୍ତିଙ୍କୁ ଗିରଫ କରାଯାଇନଥିବା ପୁଲିସ କହିଛି ।

## ବାଲି ଗାଡ଼ି ଜବତ

**ଚିକିଟି,୩।୨(ସମିସ):** ଚିକିଟି ତହସିଲ ଅଧୀନରେ ଏକ ବାଲିବୋଝେଇ ଟ୍ରାକ୍ଟର (ଓଡି୦୭ ଏଏମ ୯୭୨୭) ଜବତ ହୋଇଛି । ପାତ୍ରପୁର ତହସିଲ ଅନ୍ତର୍ଗତ ଖରଣିପଡ଼ା ନଦୀରୁ ବାଲି ବୋଝେଇ ହୋଇ କିଛି ଟ୍ରାକ୍ଟର ଚିକିଟି ଅଭିମୁଖେ ଆସୁଥିବା ଖବର ପାଇ ଚିକିଟି ଆରଆଇ ଷ୍ଟାଫ ଲିଆଖାଇ କେନାଲ ରାସ୍ତାରେ ଜଗି ରହିଥିବା ବେଳେ ଉକ୍ତ ଗାଡ଼ିଟି ଧରା ପଡ଼ିଥିଲା । ଡ୍ରାଇଭର ୱାଇ ଫର୍ମ ନଥିବା ସ୍ପଷ୍ଟ କରିବା ପରେ ଚିକିଟି ତହସିଲଦାର ବଳଦେବ ବେହେରାଙ୍କ ନିର୍ଦ୍ଦେଶରେ ଗାଡ଼ିଟିକୁ ଜବତ କରାଯାଇଛି । ପ୍ରକାଶ ଥାଉକି ଖରଣିପଡ଼ା ନଦୀଘାଟକୁ ଲିଜ୍‌ଧାରୀ ମାନେ ବନ୍ଦ ରଖିଥିବା ବେଳେ ଉକ୍ତ ଘାଟରୁ ବହୁ ପରିମାଣରେ ବାଲି ଚୋରା ଚାଲାଣ ହେଉଥିବା ଖବର ମିଳିଛି । ପ୍ରଶାସନ ଧ୍ୟାନ ଦେଲେ ଚୋରା ଚାଲାଣରେ ରୋକ୍ ଲାଗିପାରନ୍ତା ।

## ନାବାଳିକାଙ୍କୁ ବିବାହ କରି ଯୁବକ ଫେରାର ଘଟଣା

# ଅଢ଼େଇ ବର୍ଷ ପରେ ଥାନାରେ ଏତଲା

**ଫୁଲବାଣୀ, ୩।୨(ସମିସ):** ଜନୈକା ନାବାଳିକାଙ୍କ ସହ ସମ୍ପର୍କ ପରେ ବିବାହ କରି ୧୫ ଦିନ ପରେ ଫେରାର ହୋଇଗଲେ ଯୁବକ । ଏହି ଘଟଣାକୁ ଇତି ମଧ୍ୟରେ ଅଢ଼େଇ ବର୍ଷ ବିତି ଯାଇଥିଲା ବେଳେ ଫେରାର ସ୍ୱାମୀଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି ସ୍ତ୍ରୀ । ଏଭଳି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଞ୍ଚଳରେ । ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ସନତ ପ୍ରଧାନ । ସୂଚନା ଅନୁଯାୟୀ, ୪ ବର୍ଷ ତଳେ କୌଣସି କାମରେ ସେ ପୀଡ଼ିତାଙ୍କ ଗ୍ରାମକୁ ଆସିଥିଲେ । ଘରେ କେହି ନ ଥିବାର ସୁଯୋଗ ନେଇ ସେ ପୀଡ଼ିତାଙ୍କ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ । ସେତେବେଳେ ଅଭିଯୋଗକାରିଣୀ ୧୭ ବର୍ଷର ନାବାଳିକା ଥିଲେ । ପୀଡ଼ିତାଙ୍କ ମା' ଘରକୁ ଫେରି ଏ ସମ୍ପର୍କରେ ଅବଗତ ହେବା ପରେ ଗାଁ ଲୋକଙ୍କ ବୈଠକ ଡକାଇଥିଲେ । ଭଦ୍ରଲୋକଙ୍କ ଉପସ୍ଥିତିରେ ଉଭୟ ପରିବାର ଆଲୋଚନା କରି ଉଭୟ ଏକା ଜାତିର ହୋଇଥିବାରୁ ଆଇନର ଆଶ୍ରୟ ନେବା ବଦଳରେ ନାବାଳିକାଙ୍କୁ ୧୮ ବର୍ଷ ହେବା ପରେ ବିବାହ କରିବାକୁ ଦିନ ଧାର୍ଯ୍ୟ ହୋଇଥିଲା । ଇତି ମଧ୍ୟରେ କୋଭିଡ୍ ଆସିଯିବା ଯୋଗୁଁ ବାହାଘର ହୋଇ ପାରି ନଥିଲା । ପରେ ୨୦୨୧ ମସିହାରେ ସାମାଜିକ ପ୍ରଥା ଅନୁସାରେ ବିବାହ ହୋଇଥିଲା । ବିବାହର ୧୫ ଦିନ ମଧ୍ୟରେ ସ୍ୱାମୀ ଘରଛାଡ଼ି କେଉଁଆଡ଼େ ଫେରାର ହୋଇଯାଇଥିଲା । ଏହି ଘଟଣାକୁ ଏବେ ଅଢ଼େଇ ବର୍ଷ ବିତି ଯାଇଥିବା ବେଳେ ଗତ ୩୦ ତାରିଖ ଦିନ ପୀଡ଼ିତା ଜଣକ ସ୍ୱାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତ ବିରୋଧରେ ମାମଲା ଦାୟର କରିଛି । ଦୁଷ୍କର୍ମ ସମୟରେ ପୀଡ଼ିତା ଜଣକ ନାବାଳିକା ଥିବାରୁ ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ ଆଇନ ଅନୁସାରେ ମାମଲା ରୁଜୁ କରି ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ଏତଲା ଅନୁଯାୟୀ, ପୀଡ଼ିତାଙ୍କ ଶାଶୂ ଓ ଶଶୁର ମଧ୍ୟ ତାଙ୍କୁ ଶ୍ୱାସରୁଦ୍ଧ କରି ମାରିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ କରାଯାଇଛି । ତାଙ୍କ ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ଉଦ୍ଧାର କରିଥିଲେ ବୋଲି ଏତଲାରେ ଦର୍ଶାଇଛନ୍ତି ପୀଡ଼ିତା । ଅଭିଯୁକ୍ତ ସ୍ୱାମୀଙ୍କୁ ବହୁଦିନ ଧରି ଅପେକ୍ଷା କରିବା ପରେ ସେ ନ ଫେରିବାରୁ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିବା କହିଛନ୍ତି ଅଭିଯୋଗକାରିଣୀ ।

## ଦକ୍ଷତା ବିକାଶ ତାଲିମ ଶିବିର

**ବୁଗୁଡ଼ା,୩।୨(ସମିସ):** ସ୍ଥାନୀୟ ଏନଏସି କଲ୍ୟାଣ ମଣ୍ଡପ ପରିସରରେ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ ଜଣ ସଦସ୍ୟାଙ୍କ ସମେତ ମାଷ୍ଟର ଟ୍ରେନର ଉଷାରାଣୀ ମହାପାତ୍ର ଓ ସସ୍ମିତା ମିଶ୍ର ଅଂଶଗ୍ରହଣ କରିଥିଲେ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗୀୟ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦାନ କରି ମାଷ୍ଟର ଟ୍ରେନର ମାନଙ୍କୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦା, ପ୍ରୋଜେକ୍ଟ କୋଅର୍ଡିନେଟର ସର୍ବେଶ୍ୱର ବାରିକ, ଇମ୍ପ୍ଲିମେଣ୍ଟ ଏକ୍ସପର୍ଟ ଦ୍ୱିତୀକୃଷ୍ଣ ସାହୁ, ଆକାଉଣ୍ଟ୍ ଏକ୍ସପର୍ଟ ସଙ୍କେତ ପାଣିଗ୍ରାହୀ, କାଉନସିଲର ସସ୍ମିତା ଜେନା ପ୍ରମୁଖ ଯୋଗଦେଇ ମୁକ୍ତା ଯୋଜନା ସମ୍ପର୍କେ ନିଜ ନିଜର ଅଭିଭାଷଣ ରଖିଥିଲା ବେଳେ ଏନ୍ଏସି କର୍ମଚାରୀ ମୁନା ଗୌଡ଼ ଓ ବିନୋଦ ସ୍ୱାଇଁ ଉପସ୍ଥିତ ଥିଲେ ।

## 'ସାତ ସୁରେ ବନ୍ଧା ଏ ଜୀବନ' ମଞ୍ଚସ୍ଥ



**ପୋଲସରା,୩।୨(ସମିସ):** ପୋଲସରା ବ୍ଲକ୍ ତୁଙ୍ଗାପଡ଼ା ଗ୍ରାମରେ ସାମାଜିକ ନାଟକ "ସାତ ସୁରେ ବନ୍ଧା ଏ ଜୀବନ" ମଞ୍ଚସ୍ଥ ହୋଇଯାଇଛି । ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ନାଟ୍ୟ ସଂସଦର ଦଶମ ଅବଦାନରେ ମଞ୍ଚସ୍ଥ ନାଟକକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଉଦଘାଟନ କରିଥିଲେ । ତୁଙ୍ଗାପଡ଼ା ପଞ୍ଚାୟତର ଯୁବନେତା ସିଲୁ ଦଳେଇଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ପୋଲସରା ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ନଗର ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ରନାଥ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ବିଷୋୟୀ, ବିକ୍ରମ ନାୟକ, ଝୁନୁ ଦାସ, ସ୍ଥାନୀୟ ସରପଞ୍ଚ ସୀମାଞ୍ଚଳ ସେଠୀ, ସମିତିସଭ୍ୟା ସଞ୍ଜୁକ୍ତା ବାଡତ୍ୟା, ପ୍ରସାଦ କୁମାର ସାହୁ, ଆସିକା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରଞ୍ଜନ ସାହୁ, ସରପଞ୍ଚ ପବିତ୍ର ରାଉତ, ଉତ୍କଳ ପ୍ରଧାନ, ମନୋଜ ପରିଡ଼ା, ମନୋଜ ପ୍ରଧାନ, ବସନ୍ତ କରଣ, ଯୁବ ସଂଗଠକ ନରେନ୍ଦ୍ର ଦେବତା, ତାପସ କୁମାର ସାହୁ, ସୁକାନ୍ତ କୁମାର ଭୂୟାଁ, ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ସମେତ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ମାଝୀଙ୍କୁ ସମ୍ମାନିତ କରାଯାଇଥିଲା । ମ୍ୟାନେଜର ସୂର୍ଯ୍ୟ ନାରାୟଣ ଖଟାଇ, ଅଧିକାରୀ ବିଦ୍ୟାଧର ଭୂୟାଁ, ମୁଖ୍ୟ ପରିଚାଳକ ହରିରାମ ଖଟାଇ, ଉପଦେଷ୍ଟା ନାରାୟଣ ବରାଡ, ମଞ୍ଚ ପରିଚାଳକ ବାବୁ ଦଳାଇ ନିଜର ଦାୟିତ୍ୱ ନିର୍ବାହ କରିଥିବାବେଳେ ଗ୍ରାମ ଯୁବକ ମାନେ ସହଯୋଗ କରିଥିଲେ । ଉପସ୍ଥାପକ ବଳରାମ ପୋଲାଇ ସଂଯୋଜନା କରିଥିଲେ ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**କୋଦଳା,୩।୨(ସମିସ):** ବେଗୁନିଆପଡା ବ୍ଲକର ଅଙ୍ଗାରଗାଁ ଓ ତାଳସର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ଉପାଧ୍ୟକ୍ଷ ସୁଧାକର ପ୍ରଧାନ, ଏବିଡିଓ ନିରଞ୍ଜନ ବେହେରା, ବ୍ଲକ ବିଜେଡି ସଭାପତି ସୀମାଞ୍ଚଳ ସାମଲ, ସମାଜସେବୀ ମହେଶ୍ୱର ବରାଡ଼, ଜିଲ୍ଲା ପରିଷଦ ସଦସ୍ୟା ପ୍ରତିନିଧି ଜୟରାମ ସ୍ୱାଇଁ, ସମବାୟ ନିର୍ଦ୍ଦେଶକ ହୃଷିକେଶ ମେହେଣା ପୀତବାସ ଭୂୟାଁ, ସରପଞ୍ଚ ମୁକୁନ୍ଦ ମାଧବ ସ୍ୱାଇଁ, ସମିତି ସଭ୍ୟ ଅଶୋକ କୁମାର ସେଠୀ, ମାଧବ ରାଉତଙ୍କ ସମେତ ଅନେକ ଜନପ୍ରତିନିଧି ଉପସ୍ଥିତ ଥିଲେ ।

## 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ବେଲଗୁଣ୍ଠା,୩।୨(ସମିସ)**




ବେଲଗୁଣ୍ଠା ବ୍ଲକ ଗୋବରା ପ୍ରଫୁଲ୍ଲ କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ "ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ସହ ଜଗନ୍ନାଥ ସଂସ୍କୃତିର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ମାମା ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପିକା ଡ. ନଳିନୀପ୍ରଭା ଦାସ ପରିଚାଳନା କରିଥିଲେ । ମୁଖ୍ୟଅତିଥି ରୂପେ ଡ. ପ୍ରଫୁଲ୍ଲ ମାଝୀ ଯୋଗଦେଇ ପୌରାଣିକ କଥା ଉଦାହରଣ ଦେଇ ପିଲାମାନଙ୍କ ମଧ୍ୟରେ ସଂସ୍କୃତି ସୁରକ୍ଷା ଦେବା ପାଇଁ ଜାଗ୍ରତ କରିଥିଲେ । ମୁଖ୍ୟବକ୍ତା ବିଶ୍ୱଭାରତୀ ଅଧ୍ୟକ୍ଷ କୁଞ୍ଜବିହାରୀ ନାୟକ, ଅନ୍ୟତମ ଅତିଥି ରୂପେ ଗୋବରା ସମିତି ସଭ୍ୟ ବିଭୁପାଦ ଜେନା, ଇଂରାଜୀ ଅଧ୍ୟାପକ ରାଧାମାଧବ ପ୍ରଧାନ, ଇତିହାସ ଅଧ୍ୟାପକ ସନ୍ତୋଷ ବିଶ୍ୱାଳ ଯୋଗ ଦେଇଥିଲେ । ପ୍ରାଧ୍ୟାପିକା ଡ. ନଳିନୀପ୍ରଭା ଦାସ ସ୍ୱାଗତ ଅଭିଭାଷଣ ସହ ଧନ୍ୟବାଦ ଦେଇଥିଲେ । ରାମକୃଷ୍ଣ ପାତ୍ର, ସୁଧୁରା କୁମାରୀ ମହାପାତ୍ର, ସୁଚେତା ସ୍ୱାଇଁ, ଆରତୀ ସେଠୀ, ଅଶ୍ୱିନୀ କୁମର ପାଗଡ଼, ସନ୍ୟାସୀ ପାତ୍ର, ନଳିନୀ ଜେନା, ଅଞ୍ଜଳି ପାତ୍ର, ନାରାୟଣ ସାହୁ, ରବୀନ୍ଦ୍ର ଗୌଡ଼ ସହଯୋଗ କରିଥିଲେ । ସୋନମ ପ୍ରଧାନ ଭାଷା ସାହିତ୍ୟ ପ୍ରତିଯୋଗିତାରେ ଚାମ୍ପିଅନ୍ ହୋଇ ପୁରସ୍କୃତ ହୋଇଥିଲେ ।

## କୁର୍ମି କ୍ଷତ୍ରିୟ ସଂସ୍ଥାର ସମ୍ବର୍ଦ୍ଧନା ସମାରୋହ

**ଜଗନ୍ନାଥପ୍ରସାଦ,୩।୨(ସମିସ):** ନିଖିଳ ଉତ୍କଳ କୁର୍ମିକ୍ଷତ୍ରୀୟ ସଂସ୍ଥା ଚାମୁଣ୍ଡା ଅଞ୍ଚଳ ତରଫରୁ ସମ୍ବର୍ଦ୍ଧନା ସଭା ଜଗନ୍ନାଥପ୍ରସାଦ ସ୍ଥିତ ବିଜୁ ପଟ୍ଟନାଟକ କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ନବନିର୍ବାଚିତ ଅଞ୍ଚଳ ସଭାପତି ଏବଂ ନବନିର୍ବାଚିତ ପ୍ରଦେଶ ମେମ୍ବର ମାନଙ୍କୁ ସ୍ୱାଗତ ଜଣାଇଛନ୍ତି । ଏହି କୁର୍ମି କ୍ଷତ୍ରିୟ ସଂସ୍ଥା ସାରା ଭାରତ ବର୍ଷର ଏକ ବୃହତ୍ତମ ସମାଜ ଅଟେ । ୧୫ଟି ଅଞ୍ଚଳକୁ ନେଇ ଏକ ପ୍ରଦେଶ ସଂସ୍ଥା ଗଠିତ । ପ୍ରଦେଶ ସଂସ୍ଥା ପାଇଁ ନୂତନ ଭାବେ ନବନିର୍ବାଚିତ ହୋଇଥିବା ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ପ୍ରଧାନ, ଉପସଭାପତି କଂଗ୍ରେସ ପ୍ରଧାନ, ସମ୍ପାଦକ ବିଶ୍ୱନାଥ ରାଉତ, ସହସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ସାଙ୍ଗଠନିକ ସମ୍ପାଦକ ଭବାନୀ ଶଙ୍କର ପ୍ରଧାନ, କୋଷାଧ୍ୟକ୍ଷ ବିପିନ ଚନ୍ଦ୍ର ନାୟକ, ଆଇନ ପରାମର୍ଶଦାତା ଭାବେ ସରକାରୀ ଓକିଲ ରାଜେନ୍ଦ୍ର ପ୍ରଧାନ ଓ ଦିବାକର ନାୟକ, ଚାମୁଣ୍ଡା ଅଞ୍ଚଳ ତରଫରୁ ସଭାପତି ଭାବେ ଅକ୍ଷୟ କୁମାର ଦଳବେହେରା, ଉପସଭାପତି ଉପେନ୍ଦ୍ର ଭଞ୍ଜ ନାୟକ, ସମ୍ପାଦକ ବଂଶୀଧର ନାୟକ, ସହସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଆଇନ ପରାମର୍ଶଦାତା ଭାବେ ବିନାୟକ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ପାଦକ ବଂଶୀଧର ନାୟକ ମଞ୍ଚ ପରିଚାଳନା କରିଥିଲେ ।



## ବିଭିନ୍ନ ସ୍ଥାନରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ‘ଓଡ଼ିଆ ଆମ ଭାଷା ଓ ଆମ ପରିଚୟ’



**ପାରଳାଖେମୁଣ୍ଡି,୩।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟନ ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡିସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳେ ସହରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ତରଫରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଜିଲ୍ଲା ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ, ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ. ଗୁଣନିଧି ନାୟକ, ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କଳା, ସାହିତ୍ୟ, ଗାଳ୍ପିକ, ଐତିହାସିକ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୌରଚନ୍ଦ୍ର ପଣ୍ଡା, ଗୋପାଳ ଚନ୍ଦ୍ର ଶତପଥୀ, ବିଚିତ୍ରାନନ୍ଦ ବେବର୍ତ୍ତା, ବିନୋଦ ଚନ୍ଦ୍ର ଜେନା, ଆଶାଲତା ପାଣିଗ୍ରାହୀ, ସଚ୍ଚିଦାନନ୍ଦ ସାମଲ, ମୁରୁଲୀଧର ପରିଚ୍ଛା, ଲକ୍ଷ୍ମୀନୃସିଂହ ରଥ ଓ ପୂର୍ଣ୍ଣଚନ୍ଦ୍ର ରଥଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ନରେ “ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତ ଗାନ କରାଯାଇଥିଲା। ଜନତା ମଇଦାନ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଓଡ଼ିଆ ଦସ୍ତଖତ ଅଭିଯାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ପୌର ପରିଷଦ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସହରର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### କାଶୀନଗର

ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ଉପଲକ୍ଷେ ଆୟୋଜିତ ସମାବେଶରେ ସମିତି ଅଧ୍ୟକ୍ଷା ବି.ସାୟାମ୍ମା ସଭାପତିତ୍ୱ କରିଥିବା ବେଳେ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଏଇଇ ନାରାୟଣ ପାଢ଼ୀ, ସହକାରୀ ଯନ୍ତ୍ରୀ ରଣଜିତ୍ ପାଢ଼ୀ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ନର୍ମଦା ଦାସ, ବୁଦୁରା ସମିତିସଭ୍ୟ ବାବୁ ରାଓ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ରାଜ୍ୟ ସଭାପତି କବି ପ୍ରଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଷା ହିଁ ଭବିଷ୍ୟତ ପ୍ରସଙ୍ଗରେ ଆଲୋଚନା କରିବା ସହ କବିତା ଆବୃତ୍ତି କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ‘ବନ୍ଦେ ଉତ୍କଳ ଜନନୀ’ ସମୂହ କଣ୍ଠରେ ଗାନ କରାଯିବା ପରେ ସିଧାପ୍ରସାରଣ ଜରିଆରେ ଉପସ୍ଥିତ ସମସ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଭିଭାଷଣ ଶୁଣିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପଞ୍ଚାୟତ ସମିତି ଦ୍ୱାରା ଚୟନ କରାଯାଇଥିବା ଭାଷା ସାହିତ୍ୟ କ୍ଷେତ୍ର ସହ ଜଡ଼ିତ ପ୍ରତିଭାଶାଳୀଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇସିଡିଏସ ସୁପରଭାଇଜର ବି.କୋମଳାଙ୍ଗୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖାରଡ଼ା ପଞ୍ଚାୟତର ଲୋକଗୀତ ରଚୟିତା ବୀରବର ପଣ୍ଡା, ଗୋପସୁନ୍ଦର ନାୟକ, କେ.ସୀତାପୁର ପଞ୍ଚାୟତର ବିଦ୍ୟାରତ୍ନ ନୀଳ ମାଧବ ଚରତି, ସ୍ୱାସ୍ଥ୍ୟ ବିଳାସ ପତ୍ରିକା ସମ୍ପାଦକ ରାମନାଥ ପାତ୍ର, କବି ପ୍ରଶାନ୍ତ ମିଶ୍ର ଓ କବି ଜୟ କୁମାର ମିଶ୍ରଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସହଯୋଗ କରିଥିଲେ। ସେହିପରି ଉକ୍ତ କାର୍ଯ୍ୟକ୍ରମ ପଞ୍ଚାୟତସ୍ତରରେ ଅନୁଷ୍ଠିତ ହୋଇଥିଲା। କାଶୀନଗର ବ୍ଲକରେ ଥିବା ସମସ୍ତ ପଞ୍ଚାୟତ ଶିଆଳି, ଖାରଡା, ଖାଣ୍ଡବା ଓ ଅନ୍ୟ ସମସ୍ତ ପଞ୍ଚାୟତରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଓଡ଼ିଆ ଭାଷାକୁ ନେଇ ରଚନା, ବକ୍ତୃତା, ବିତର୍କ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।





### ଛେଳିଗଡ଼

ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ୍ ରାମଗିରି ପଞ୍ଚାୟତସ୍ଥିତ ହାଟପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏ. ଚନ୍ଦ୍ରଶେଖର ସ୍ୱାମୀଙ୍କ ସଭାପତିତ୍ୱ ଏବଂ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗିରିଧର ବଡ଼ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ କର, ସମ୍ମାନିତ ଅତିଥି ଭାବେ ହାଟପଦା ୱାର୍ଡସଭ୍ୟ ତଥା ରାମଗିରି ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝୀ, ସିଆର୍‌ସିସି ରାମଚନ୍ଦ୍ର ମଣ୍ଡଳଙ୍କ ସହ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ମିନତୀ ରଣଜିତ, ପ୍ରମିଳା ବେହେରା, ଶିକ୍ଷକ ସିଙ୍ଗିନା ବେହେରା, ରଶ୍ମିରଞ୍ଜନ ଦଳାଇ ଓ ବ୍ରଜବନ୍ଧୁ ମଣ୍ଡଳ ଉପସ୍ଥିତ ଥିଲେ। ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଜି.ଉଦୟଗିରି

କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ତରଫରୁ ସମିତି ସଭାଗୃହରେ “ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ’ ଉତ୍ସବ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ସୁଷମା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଭାଷାବିତ୍ ଶିଶିର ପଟ୍ଟନାୟକ, କଳିଙ୍ଗ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ.ନଳିନୀ କୁମାର ପାଣିଗ୍ରାହୀ, ଅଧ୍ୟାପିକା ସୁପ୍ରିୟା ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ଲିଲିମା ପ୍ରଧାନ, ଶିଶୁ ସାହିତ୍ୟିକ ନିରୋଦ ଚନ୍ଦ୍ର ଜେନା, ଭାଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟାପକ ଲଡୁକେଶ୍ୱର୍ ରଥ ଯୋଗଦେଇ ଓଡ଼ିଆ ଭାଷାର ବିକାଶ ଓ ଭବିଷ୍ୟତ ବିଷୟରେ ନିଜର ମତ ରଖିଥିଲେ। “ବନ୍ଦେ ଉତ୍କଳ ଜନନୀ’ ଗାନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ ଜି.ଉଦୟଗିରି ଅଞ୍ଚଳର ସାହିତ୍ୟିକ ତଥା କବି ପବିତ୍ର କୁମାର ସାହୁ, ଡା. ସତ୍ୟ ନାରାୟଣ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ଗୋଲକ ପଟ୍ଟନାୟକ, ଶିକ୍ଷୟିତ୍ରୀ ଶାଶ୍ୱତୀ ପଦ୍ମା ବେହେରା, ଜିନିତା ଦାସ ଯୋଗଦେଇ ସ୍ୱ-ରଚିତ କବିତା ପାଠ କରିବା ସହ “ଓଡ଼ିଆ ଭାଷାର ଭବିଷ୍ୟତ’ ଉପରେ ସମ୍ୟକ୍ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ପ୍ରକଳ୍ପ ସଂଯୋଜକ ଜଗନ୍ନାଥ ରଥ ସ୍ୱାଗତ ଭାଷଣ ଦେବା ସହ ପରିଚାଳନା କରିଥିବା ବେଳେ ସହାୟକ ଯନ୍ତ୍ରୀ ବାଳକୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଶ୍ୟାମଳ ବେହେରା, ଜ୍ୟୋତି ପ୍ରସାଦ ସାହୁ, ମାନୁଆଲ ନାୟକ ଓ ଜାକେସ ପ୍ରଧାନ ସହଯୋଗ କରିଥିଲେ।





### ଟିକାବାଲି

କନ୍ଧମାଳ ଜିଲ୍ଲା ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧୀନସ୍ଥ ସଲପ ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଟିକାବାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ୍ୱର କହଁର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର, ଲକ୍ଷ୍ମୀକାନ୍ତ ପ୍ରଧାନ, ସନ୍ତୋଷ କୁମାର ସାହୁ, ମୋ ସ୍କୁଲ ସଭାପତି ପବିତ୍ର କୁମାର ପାତ୍ର, ସିଆରସିସି ଅରବିନ୍ଦ ମହାପାତ୍ର ପାତ୍ର ଯୋଗ ଦେଇଥିଲେ। ଦିନ ୧୧ଟା ବେଳେ ‘ବନ୍ଦେ ଉତ୍କଳ ଜନନୀ’ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅତିଥି ମାତୃଭାଷା ଓଡ଼ିଆ ପ୍ରତି ଆମ ସମସ୍ତଙ୍କ ଦାୟିତ୍ୱବୋଧ ଜାଗ୍ରତ ହେବ କିପରି ଓ ଭାଷା ସଂସ୍କୃତି ମୂଲ୍ୟବୋଧର ବିକାଶ ପାଇଁ ପ୍ରଚାର ପ୍ରସାର କରିବା ଏବଂ ମାତୃଭାଷାର ବିକାଶ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ନିବେଦନ କରିଥିଲେ। ଶିକ୍ଷାର୍ଥୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଓଡ଼ିଆ ପୁସ୍ତକ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ପାରଳାଖେମୁଣ୍ଡି,୩।୨(ସମିସ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଏହି ସମ୍ମିଳନୀ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ସମସ୍ତ ମହାପୁରୁଷଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ପାରଳାଖେମୁଣ୍ଡି ବିନୋଦିନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଓଡ଼ିଆ ସାହିତ୍ୟ, ସଙ୍ଗୀତ ଓ ନୃତ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଅତିଥି ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଙ୍ଗୀତଜ୍ଞ ରଘୁନାଥ ପାତ୍ର, ନୃତ୍ୟଶିଳ୍ପୀ ଡି. ପ୍ରିୟଙ୍କା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସମୂହ ଭାବେ “ବନ୍ଦେ ଉତ୍କଳ ଜନନୀ’ ସଂଗୀତ ଗାନ କରିଥିଲେ। ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଆଦି ପ୍ରଦାନ କରାଯାଇଥିଲା। ଏହା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜନ କରାଯାଇଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମର ପ୍ରସାରଣକୁ ଛାତ୍ରଛାତ୍ରୀଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଶେଷରେ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



### ଗୋଷାଣି

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦର ମହକୁମାସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧୀୟ ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁସ୍ତକ ମେଳାର ଆୟୋଜନ କରାଯାଇଥିଲା। ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରଯାଇଥିଲା। କାର୍ଯ୍ୟକ୍ରମରେ ମହାଦେଇପୁରର ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ଘନଶ୍ୟାମ ଜେନା, ପିତବାସ ସାମଲ, ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ଉପାଧ୍ୟକ୍ଷା ଏସ୍.ଅନୁସୂୟା ଦେବୀ, ଗୋଷାଣିସ୍ଥିତ ଉନ୍ନତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଲିଙ୍ଗରାଜ ସାମଲ, ସ୍ୱାସ୍ଥ୍ୟ ପରିଦର୍ଶିକା ଲକ୍ଷ୍ମୀଆମ୍ମା, ଗୋଷାଣି ଗୋଷ୍ଠୀ ସାଧକ ସହାୟକ ରଶ୍ମିତା ସାମଲ, ଗୁରାଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ଜେନା ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭଷା ସମ୍ପର୍କିତ ବିଭିନ୍ନ ବକ୍ତବ୍ୟ ରଖିଥିଲେ। ପୂର୍ବାହ୍ନ ୧୧ଟା ସମୟରେ “ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତ ଗାନ କରଯାଇଥିଲା। ଭୁବନେଶ୍ୱର ଜନତା ମଇଦାନରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମର ସିଧାପ୍ରସାରଣ ବ୍ୟବସ୍ଥା କରାଯାଇଥିଲା। ଏହା ସହ ବ୍ଲକର ବିଭିନ୍ନ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପିଇଓ ବିନୋଦ ଗୌଡ ସଂଯୋଜନା କରିଥିବା ବେଳେ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।



## କିଶୋରୀ ସଚେତନତା ମେଳା

**ମୋହନା,୩।୨(ସମିସ):** ଗଜପତି ଜିଲ୍ଲା ମୋହନା ସମ୍ପନ୍ନିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଶନିବାର କିଶୋରୀ ସଚେତନତା ମେଳା ଅନୁଷ୍ଠିତ ହୋଇଥିଲା। ଏନେଇ ମୋହନା ସମ୍ପନ୍ନିତ ଶିଶୁ ବିକାଶ ଅଧିକାରିଣୀ ଲଳିତା ମଲ୍ଲିକଙ୍କ ସଭାପତିତ୍ୱରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋହନା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରୁ କିଶୋରୀ ବାଳିକା ଯୋଗଦେଇ ପାରଳାଖେମୁଣ୍ଡିରୁ ଆସିଥିବା ସ୍ୱତନ୍ତ୍ର ତାଲିମଦାତାଙ୍କଠାରୁ ଆତ୍ମ ସୁରକ୍ଷା ତାଲିମ୍ ଗ୍ରହଣ କରିଥିଲେ। ଏହା ସହ କିଶୋରୀଙ୍କ ବିଭିନ୍ନ ସମସ୍ୟା ଏବଂ ତାର ସମାଧାନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ପରେ ଏକ ସଚେତନତା ଶୋଭାଯାତ୍ରା ମୋହନା ସହର ପରିକ୍ରମା କରିବା ସହ ମୁଖ୍ୟ ବଜାରରେ କିଶୋରୀଙ୍କୁ ନେଇ ଏକ ମାନବ ଶୃଙ୍ଖଳ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସେକ୍ଟରର ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ଏବଂ ଶତାଧିକ କିଶୋରୀ ବାଳିକା ଯୋଗ ଦେଇଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଦାରିଙ୍ଗବାଡ଼ି,୩।୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବି.ଆର୍.ଆମ୍ବେଦକର ଜାତୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡା. ପ୍ରତାପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦାରିଙ୍ଗବାଡ଼ି ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଯୋଗଦେଇ ଆତ୍ମ ସୁରକ୍ଷା କୌଶଳ ସମ୍ପର୍କରେ ଆଲୋଚନା କରି ଛାତ୍ରୀଙ୍କୁ ସଚେତନ କରିବା ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଗତମାସ ୨୪ ତାରିଖରୁ ଉକ୍ତ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା। ବିଦ୍ୟାଳୟ ଅଧ୍ୟାପିକା ତଥା ଆତ୍ମ ସୁରକ୍ଷା ତାଲିମ ଶିବିର ସଂଯୋଜିକା ସସ୍ମିତା ସାମନ୍ତ ଓ ମାଷ୍ଟର ପ୍ରଶିକ୍ଷିକା ଝାନସିରାଣୀ ନାୟକ, ଲକ୍ଷ୍ମୀ ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ସସ୍ମିତା ସାମନ୍ତ, ବବ୍ଲିନ ନାୟକ, ବିଷନ୍ତୁ ସାହୁ, ରଶ୍ମିରଞ୍ଜନ ତ୍ରିପାଠୀ, ବିନୋଦ ସୁବୁଦ୍ଧି ଉପସ୍ଥିତ ଥିଲେ।

## ଗୁମ୍ମାରେ ଜିପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଗୁମ୍ମା,୩।୨(ସମିସ):** ଗୁମ୍ମା ପ୍ରିମିୟମ ଲିଗ(ଜିପିଏଲ) କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ମିନି ଷ୍ଟାଡିୟମରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସମାଜସେବୀ ରାଜୁ ପାଣି ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଗୁମ୍ମା ଅଞ୍ଚଳର ପ୍ରତିଭାଶାଳୀ ଖେଳାଳିଙ୍କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଭାଗ ନେଇଥିବା ବେଳେ ପ୍ରତି ବିଜେତା ଦଳକୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଗୁମ୍ମା ସୁପର କିଙ୍ଗ ଓ ୟୁନିଟେଡ୍ କିଙ୍ଗ ମଧ୍ୟରେ ହୋଇଥିଲା। ଅଞ୍ଚଳର ଗୁମ୍ମା, କେସିପୁର, କଳାକଟ, ଲିଙ୍ଗା, ଭୁରୁଡିଙ୍ଗ, କୁତାମ ଓ ହାଟପଦା ଅଞ୍ଚଳର ଖେଳାଳିଙ୍କୁ ହୋଇ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ କରାଇଛି। ଟୁର୍ଣ୍ଣାମେଣ୍ଟ ଦୀର୍ଘ ୧୨ଦିନ ଧରି ଚାଲିବ ବୋଲି ଆୟୋଜକ ପୋଲବୀ ସିଂ କହିଛନ୍ତି। ଟୁର୍ଣ୍ଣାମେଣ୍ଟକୁ କ୍ରିଷ୍ଣନ ରାଉଳ, ଧାନେସ ଲିମ୍ମା, ମାଇକେଲ ଲିମ୍ମା, ପ୍ରୀତମ ପାଳ, ମାଇକେଲ ଷଡ଼ଙ୍ଗୀ, ପିଣ୍ଟୁ ପାଣି, ମାନତ ଶବର ଓ ସଲମାନ ପାଳ ପରିଚାଳନା କରିଥିଲେ।



● ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କ୍ରୀଡ଼ା ପ୍ରତିଯୋଗିତା

## ପ୍ରତିଭା ଦେଖାଇଲା ମହିଳା କ୍ରିକେଟ ଟିମ୍

**ଜି.ଉଦୟଗିରି,୩।୨(ସମିସ):** କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସାରା ବିଶ୍ୱରେ ଚର୍ଚ୍ଚା ହେଉଥିବା ବେଳେ ଏବେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନିଜର ପ୍ରତିଭା ଦେଖାଇବା ପାଇଁ ସୁଯୋଗ ପାଇଛନ୍ତି। ଏହିକ୍ରମରେ କନ୍ଧମାଳ ଜିଲ୍ଲା ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ଖେଳ ପ୍ରତିଯୋଗିତା ଜରିଆରେ ଜିଲ୍ଲାସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତାରେ ଜି.ଉଦୟଗିରି ବ୍ଲକ ପେନାଗୋବାରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ ହୋଇ ୫୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ସହିତ ବିଜୟୀ ଟ୍ରଫି ହାସଲ କରିଛି। ଏବେ ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଚଳିତ ମାସ ୭ ଏବଂ ୮ ତାରିଖରେ ପୁରୀରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଦଳ ପ୍ରସ୍ତୁତ ହେଉଛି ବୋଲି ମହିଳା କ୍ରିକେଟ ଟିମ କ୍ୟାପଟେନ ମୁକ୍ତି ଦେବୀ ପ୍ରଧାନ କହିଛନ୍ତି। ଦଳ ଜିଲ୍ଲାସ୍ତରରେ ଭଲ ପ୍ରଦର୍ଶନ କରିଥିବା ବେଳେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟ ରଖିଛି। ଦଳ ତରଫରୁ ଯମୁନା ପ୍ରଧାନ, ଆରତୀ ପ୍ରଧାନ, ସରିତା ପ୍ରଧାନ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଶିକ୍ଷୟିତ୍ରୀ ତନୁରେଖା ନାୟକଙ୍କ ତତ୍ତ୍ୱାବଧାନରେ ଖେଳାଳି ଅଭ୍ୟାସ ଜାରି ରଖିଥିବା ବେଳେ ଶିକ୍ଷକ ଲବ ପ୍ରଧାନ ଅଭ୍ୟାସରେ ସହଯୋଗ କରୁଛନ୍ତି।



## ବ୍ଲକସ୍ତରୀୟ ‘ମିଶନ ଶକ୍ତି’ କବି ସମ୍ମିଳନୀ

**ଜି.ଉଦୟଗିରି,୩।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ପ୍ରେକ୍ଷାଳୟରେ ଶୁକ୍ରବାର ମିଶନ ଶକ୍ତି ଦ୍ୱାରା ବ୍ଲକସ୍ତରୀୟ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ମିଶନ ଶକ୍ତି ସଦସ୍ୟା ଭାଗ ନେଇ ସ୍ୱରଚିତ କବିତା ପାଠ କରିଥିଲେ। ବିଡିଓ ମନୋଜ କୁମାର ଦେବତା, ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଡ. ବବିତା ରାଣୀ ପଟ୍ଟନାୟକ, ସିଡିପିଓ କଳ୍ପନା ଶତପଥୀ, ମିଶନ ଶକ୍ତିର ଜିଲ୍ଲା ସଭାନେତ୍ରୀ କୁମୁଦିନୀ ଦିଗଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମିଶନଶକ୍ତି ବିପିଏସ ଓ କବିତା ଗମାଙ୍ଗ ସ୍ୱାଗତ ଭାଷଣ ଦେଇଥିଲେ। ବିପିସି ଶିଶିର କାନ୍ତ ଦିଗଲ ଧନ୍ୟବାଦ ଅର୍ପଣ କରିଥିଲେ। ବିପିଏମ ଅକ୍ଷୟ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ତିନି ଜଣ ଶ୍ରେଷ୍ଠ କବୟିତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

